ସକାଳ
THE SAKALA
ସିନ୍ଦୂରା
ରବିବାର
ଅକ୍ଟୋବର ୦୪-୧୦ , ୨୦୨୬
www.sakalaepaper.com



ବର୍ତ୍ତମାନ ସ୍ପେଶାଲ୍ ଇଣ୍ଟେନସିଭ୍ ରିଭିଜନ୍ ବା ଏସ୍ଆଇଆର୍‌କୁ ନେଇ ସାରା ଦେଶରେ ଚର୍ଚ୍ଚା ଲାଗି ରହିଛି । ଭାରତ ଭଳି ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ପରିଚାଳନାରେ ନିର୍ବାଚନ ଆୟୋଗଙ୍କ ପ୍ରମୁଖ ଭୂମିକା ରହିଛି । ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ, ନିରପେକ୍ଷ ଓ ଶୃଙ୍ଖଳିତ କରିବାର ଗୁରୁ ଦାୟିତ୍ୱ ମୁଖ୍ୟ ନିର୍ବାଚନ ଆୟୋଗଙ୍କ । ତେବେ ନିର୍ବାଚନ ପୂର୍ବରୁ ଭୋଟର ତାଲିକାକୁ ସଠିକ୍ କରାଯିବା, ଯୋଗ୍ୟ ମତଦାତାଙ୍କୁ ତାଲିକାଭୁକ୍ତ କରିବା, ନକଲି, ମୃତ ଓ ସ୍ଥାନାନ୍ତରିତ ଭୋଟର୍‌ଙ୍କୁ ତାଲିକାରୁ ବାଦ୍ ଦିଆଯିବା ଉଚିତ । ଏଭଳି କେତେକ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଛି ଏସ୍ଆଇଆର୍ । ତେବେ କେତେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏସ୍ଆଇଆର୍ ପ୍ରକ୍ରିୟା ସଂପୂର୍ଣ୍ଣ ହେଲା ପରେ ସାରା ଦେଶରେ କୋଟି କୋଟି ଭୋଟର୍ ତାଲିକାରୁ ବାଦ୍ ପଡ଼ିଛନ୍ତି । ଫଳରେ ଏହାକୁ ନେଇ ବିବାଦ ଘେରକୁ ଟାଣି ହୋଇଆସିଛନ୍ତି ଭାରତର ମୁଖ୍ୟ ନିର୍ବାଚନ ଆୟୋଗ । ଏହି ପରିପ୍ରେକ୍ଷୀରେ ଏସ୍ଆଇଆର୍ ବିବାଦକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ ।

ପ୍ରସ୍ତୁତି 'ସକାଳ' ବ୍ୟୁରୋ

ଗଣତନ୍ତ୍ରରେ ନିଜ ଅଧିକାର ପ୍ରତି ସଚେତନ ହେବା ପ୍ରତ୍ୟେକ ନାଗରିକଙ୍କ ପ୍ରଥମ କର୍ତ୍ତବ୍ୟ । ଗୋଟିଏ ଗଣତନ୍ତ୍ର ରାଷ୍ଟ୍ରରେ ପ୍ରତ୍ୟେକ ଯୋଗ୍ୟ ନାଗରିକ ଭୋଟ ଦେଇ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବାର ଅଧିକାର ରହିଛି । ତେବେ ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ, ନିରପେକ୍ଷ କରିବା ପାଇଁ ଭାରତର ନିର୍ବାଚନ ଆୟୋଗଙ୍କୁ ପ୍ରଥମେ ସଠିକ୍ ଭୋଟର୍ ତାଲିକା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି । ଭାରତର ମୁଖ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟର୍ ତାଲିକାକୁ ସଠିକ୍ କରିବାର ଏକ ପ୍ରକ୍ରିୟା ହେଉଛି ସ୍ପେଶାଲ୍ ଇଣ୍ଟେନ୍‌ସିଭ୍ ରିଭିଜନ୍ ବା ଏସ୍ଆଇଆର୍ । ଇଲେକ୍ଟ୍ରୋନିକ୍ସ ଭୋଟର ତାଲିକାକୁ ଉଚ୍ଚମାନର କରିବାରେ ଏହା ସହଯୋଗ କରିବ । ବିହାରରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଏବେ କେତେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସଂପୂର୍ଣ୍ଣ ହୋଇଛି । ତେବେ କେତେକ ପ୍ରସଙ୍ଗରେ ଏସ୍ଆଇଆର୍‌କୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଏସ୍ଆଇଆର୍ ପ୍ରକ୍ରିୟାର ବିଭିନ୍ନ ଦିଗ ଓ ଦ୍ୱନ୍ଦ୍ୱର କାରଣକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।




# ଏସ୍ଆଇଆର୍ ଦ୍ୱନ୍ଦ୍ୱ

ଏସ୍ଆଇଆର୍ ହେଉଛି ଭୋଟର ତାଲିକାକୁ ସଂଶୋଧନ ଏବଂ ସରଳ କରିବା ଉଦ୍ଦେଶ୍ୟରେ ଏକ ବ୍ୟାପକ ପ୍ରକ୍ରିୟା । ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ସାମିଲ କରିବା ହେଉଛି ଏହାର ମୁଖ୍ୟ ଲକ୍ଷ୍ୟ । ସେହିପରି ମୃତ ଓ ସ୍ଥାନାନ୍ତରିତ କିମ୍ବା ନକଲି ଭୋଟରଙ୍କ ନାମକୁ ଭୋଟର ତାଲିକାରୁ ବାଦ୍ ଦେବା, ସଠିକ୍ ଭୋଟର ତାଲିକା ପ୍ରସ୍ତୁତ କରିବା, ଘରକୁ ଘର ଯାଞ୍ଚ କରି ନୂତନ ଭୋଟରଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରିବା, ବିଶ୍ୱସନୀୟତାକୁ ସୁଦୃଢ଼ କରିବାକୁ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଅନ୍ୟତମ ଉଦ୍ଦେଶ୍ୟ । ତେବେ କେତେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏସ୍ଆଇଆର୍ ରିପୋର୍ଟ ପ୍ରକାଶ ପାଇବା ପରେ ବିବାଦ ଘେରକୁ ଟାଣି ହୋଇଆସିଛନ୍ତି ଭାରତର ମୁଖ୍ୟ ନିର୍ବାଚନ ଆୟୋଗ । ଧୀରେ ଧୀରେ ଏସ୍ଆଇଆର୍‌କୁ ନେଇ ବିବାଦ ବଢ଼ିବାରେ ଲାଗିଛି ।

୨୦୨୫ ମସିହାରୁ ଏସ୍ଆଇଆର୍ ପ୍ରକ୍ରିୟା ବିହାରରୁ ଆରମ୍ଭ ହୋଇଛି । ବିହାର ପରେ ଅନ୍ୟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏହା କାର୍ଯ୍ୟକାରୀ ହୋଇଛି । ତେବେ ଆସାମକୁ ଜାତୀୟ ଭୋଟର ଗଣନା ପ୍ରକ୍ରିୟାରୁ ବାଦ୍ ଦିଆଯାଇଛି । ଏସ୍ଆଇଆର୍ ଫର୍ମ, ବୁଥ୍ ସ୍ତରୀୟ ଅଫିସର୍ ବା ବିଏଲ୍ଓ ପୁନଃଯାଞ୍ଚ ବା ଭୋଟର୍ ତାଲିକାରେ ନାମ ସଂଯୁକ୍ତ କରିବା ଆଦି ସଂପର୍କରେ ଜାଣିବା ପାଇଁ ଏସ୍ଆଇଆର୍ ସହିତ ଜଡ଼ିତ ନିୟମ ଜାଣିବା ନିହାତି ଆବଶ୍ୟକ । ମତଦାତାମାନଙ୍କୁ ଆଧାର କାର୍ଡ ସମେତ ୧୩ଟି ଦଲିଲ ମଧ୍ୟରୁ ଯେ କୌଣସି ଗୋଟିଏ ବ୍ୟବହାର କରି ନିଜର ଯୋଗ୍ୟତା ପ୍ରମାଣ କରିବାକୁ ପଡ଼ିଥାଏ । ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନିଯୁକ୍ତ ବୁଥ୍ ସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ଭୋଟର୍ ତାଲିକାକୁ ସଂଶୋଧନ କରିଥାନ୍ତି ।

ସର୍ବାଧିକ ମତଦାତା ଥିବା ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ହେଉଛି ଭାରତ । ତେଣୁ ସମୟ ସହିତ ଭୋଟର ତାଲିକାରେ ତଥ୍ୟ କିଛି ସମସ୍ୟା ଓ ତ୍ରୁଟି ରହିଯାଇଥାଏ । ସେଥିପାଇଁ ଯଦି ଠିକ୍ ଭାବେ ଭୋଟର୍ ତାଲିକାକୁ ଯାଞ୍ଚ କରା ନଯାଏ, ତେବେ ତାଲିକାରେ ସମସ୍ୟା ସୃଷ୍ଟି ହୋଇପାରେ । ନିର୍ବାଚନ ପ୍ରକ୍ରିୟା ବଜାୟ ରଖିବା ଓ ଗଣତନ୍ତ୍ର ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନିର୍ବାଚନ ଆୟୋଗ ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କୁ ମତଦାନର ଅଧିକାର ଦେବା, ସବୁ ନକଲି ଭୋଟରଙ୍କୁ ତାଲିକାରୁ ବାଦ୍ ଦେବା ଆବଶ୍ୟକ ।

ନିର୍ବାଚନ ଆୟୋଗଙ୍କ ମଧ୍ୟରେ ମତଭେଦ ଓ ୧୩ କୋଟି ମତଦାତାଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା ପରେ ବିବାଦ ଘେରକୁ ଟାଣି ହୋଇଆସିଛନ୍ତି ଭାରତର ମୁଖ୍ୟ ନିର୍ବାଚନ କମିଶନର । ସେପଟେ ଫର୍ମ -୬ ଓ ଫର୍ମ-୭ ର ନେଇ ଉଠିଥିବା ବିବାଦ ନିର୍ବାଚନ ପ୍ରକ୍ରିୟା ଏବଂ ଗଣତନ୍ତ୍ର ଉପରେ ଭରସା ସଂକଟକୁ ବଢ଼ାଇ ଦେଇଛି । ଏକ ଗଣତନ୍ତ୍ର ବ୍ୟବସ୍ଥାରେ ନିର୍ବାଚନ କେବଳ ସରକାର ମନୋନୀତ କରିବାର ମାଧ୍ୟମ ନୁହେଁ, ବରଂ ଶାସନ ବ୍ୟବସ୍ଥାର ନୀତି ନିର୍ଦ୍ଧାରଣ କରିବା ଏବଂ ରାଷ୍ଟ୍ର ନିର୍ମାଣରେ ସାଧାରଣ ନାଗରିକଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବାର ଅବସର ଆଣିଥାଏ । ତେଣୁ ନିର୍ବାଚନ ପ୍ରକ୍ରିୟାକୁ ନିରପେକ୍ଷ, ପାରଦର୍ଶିତା ଓ ବିଶ୍ୱସନୀୟତା ବଜାୟ ରଖି ଗଣତନ୍ତ୍ରକୁ ବଞ୍ଚାଇବା ଅତ୍ୟନ୍ତ ଜରୁରୀ । ସେପଟେ ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା ଦାବିରେ ବିରୋଧୀଙ୍କ ଆନ୍ଦୋଳନ ଦେଶରେ ରାଜନୈତିକ ଅସ୍ଥିରତା ସୃଷ୍ଟି କରିଛି । ତେବେ ବିରୋଧୀଙ୍କୁ ଶାସକ ବିଜେପି କଡ଼ା ଜବାବ ଦେବାରେ ଲାଗିଛି । ଏଠାରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି ଭାରତର ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର ନିଜେ କାହିଁକି ଏହି ପ୍ରସଙ୍ଗରେ ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି । ବର୍ତ୍ତମାନ ମୁଖ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟକଳାପ ଓ ଏସ୍ଆଇଆର୍ ସ୍ୱଚ୍ଛତା ନେଇ ବିବାଦ ଘନେଇବାରେ ଲାଗିଛି । ଯାହା ସାଧାରଣ ନାଗରିକମାନଙ୍କ ଭିତରେ ଏସ୍ଆଇଆର୍‌କୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି ।



# ମତଦାତା ତାଲିକା, ତଥ୍ୟ ଓ ବିଶ୍ୱସନୀୟତା



ଇଂ. ଶୁଭମ ଶାଶ୍ୱତ ପୃଷ୍ଟି

ଭାରତୀୟ ଗଣତନ୍ତ୍ରର ଶକ୍ତି କେବଳ ମତଦାନରେ ସୀମିତ ନୁହେଁ, ବରଂ ମୂଳ ଆଧାର ହେଉଛି ମତଦାତା କିଏ, ନାମ ତାଲିକାରେ କିପରି ପ୍ରସ୍ତୁତ ହୋଇଛି ଏବଂ ତାଙ୍କର ନାମ ବାଦ ପଡ଼ିଲେ ନ୍ୟାୟ ପାଇବାର ପଥ କେତେ ସହଜ? ବର୍ତ୍ତମାନ ମୁଖ୍ୟ ନିର୍ବାଚନ ଆୟୁକ୍ତ ଭାବେ ଜ୍ଞାନେଶ କୁମାର ୧୯ ଫେବୃଆରୀ ୨୦୨୫ରେ ଭାରତର ୨୬ତମ ମୁଖ୍ୟ ନିର୍ବାଚନ ଆୟୋଗ ଭାବେ ଦାୟିତ୍ୱ ନେଇଥିଲେ। ତେବେ ସମ୍ପ୍ରତି ଏସ୍ଆଇଆର୍‌କୁ ନେଇ ଉଠୁଥିବା ପ୍ରଶ୍ନ କେବଳ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ସୀମିତ ନାହିଁ। ସେପ୍ଟେମ୍ବର ୨୦୨୬ରେ 'ଦ ଇଣ୍ଡିଆନ ଏକ୍ସପ୍ରେସ୍' ପ୍ରକାଶିତ ରିପୋର୍ଟ ଅନୁସାରେ ନିର୍ବାଚନ ଆୟୋଗ ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ବିଭିନ୍ନ ନିଷ୍ପତ୍ତିକୁ ନେଇ ୧୦ ମାସରେ ଅନେକଥର ଆପତ୍ତି କରିଥିବା କୁହାଯାଇଛି । ତେବେ ଆୟୋଗ ପକ୍ଷରୁ ସେପ୍ଟେମ୍ବର ୨୬ରେ ତିନିଜଣ ନିର୍ବାଚନ ଆୟୋଗଙ୍କ ପୂର୍ଣ୍ଣ ବୈଠକ ପରେ ଆୟୋଗ ପକ୍ଷରୁ ବିଭିନ୍ନ ବିଷୟରେ ସ୍ପଷ୍ଟ ସ୍ପଷ୍ଟୀକରଣ ଦିଆଯାଇନଥିବା ମଧ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

## ଜ୍ଞାନେଶ କୁମାର ଓ ଆୟୋଗଙ୍କ ମତଭେଦ

ବର୍ତ୍ତମାନର ବିବାଦର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ନିର୍ବାଚନ ଆୟୋଗଙ୍କ ଭିତରେ ଉଠିଥିବା ମତଭେଦ। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ଏସ୍ଆଇଆର୍ ପ୍ରକ୍ରିୟା ଆଗକୁ ବଢୁଥିବା ସମୟରେ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କ ପକ୍ଷରୁ କିଛି ନିଷ୍ପତ୍ତି ଉପରେ ଲିଖିତ ଆପତ୍ତି ରହିଥିବା ଏକ ଅନୁସନ୍ଧାନମୂଳକ ଖବର ପ୍ରକାଶ ପାଇଛି। ଏହି ଆପତ୍ତିଗୁଡ଼ିକରେ ମତଦାତାଙ୍କ ନାମ ଯୋଡ଼ିବା, ବାଦ ଦେବା, ପୁନଃସ୍ଥାପନ ଓ ମତଦାତା ତଥ୍ୟଭଣ୍ଡାରର ବ୍ୟବହାର ଭଳି ବିଷୟ ଥିବା ରିପୋର୍ଟ କହୁଛି । ଅନ୍ୟପକ୍ଷରେ ନିର୍ବାଚନ ଆୟୋଗ ଏହି ମତଭେଦକୁ ଏକ ଆନ୍ତରିକ ଯାଞ୍ଚ ଓ ଆଲୋଚନାର ସାଧାରଣ ଅଂଶ ବୋଲି ବର୍ଣ୍ଣନା କରିଛନ୍ତି । ତେଣୁ ଏଠାରେ ରିପୋର୍ଟରେ ଥିବା ଦାବି ଓ ଆୟୋଗର ଆଧିକାରିକ ମତ ଉଭୟକୁ ଅଲଗା ଭାବେ ଦେଖିବା ଆବଶ୍ୟକ ।




## ଏସ୍ଆଇଆର୍‌ର ପରିମାଣ

ନିର୍ବାଚନ ଆୟୋଗ ୨୭ ଅକ୍ଟୋବର ୨୦୨୫ ରେ, ୧ ଜାନୁଆରୀ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟକରି କେରଳ, ତାମିଲନାଡୁ ଓ ପଶ୍ଚିମବଙ୍ଗ ସମେତ ଅନେକ ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍ଆଇଆର୍‌କୁ ଆରମ୍ଭ କରିଥିଲା। ଏହାର ଉଦ୍ଦେଶ୍ୟ ଥିଲା ମୃତ, ସ୍ଥାନାନ୍ତରିତ କିମ୍ବା ଅଯୋଗ୍ୟ ମତଦାତାଙ୍କୁ ଚିହ୍ନଟ କରିବା ସହିତ ନୂଆ ଯୋଗ୍ୟ ମତଦାତାଙ୍କ ନାମ ଯୋଡ଼ିବା। ୧୫ ମାର୍ଚ୍ଚ ୨୦୨୬ରେ ନିର୍ବାଚନ ଆୟୋଗ ପ୍ରକାଶ କରିଥିବା ତଥ୍ୟ ଅନୁସାରେ ଚୂଡ଼ାନ୍ତ ତାଲିକାରେ ଆସାମରେ ୨ କୋଟି ୫୦ ଲକ୍ଷ ୨୧ ହଜାର ୪୦୮, କେରଳରେ ୨ କୋଟି ୭୧ ଲକ୍ଷ ୬ ହଜାର ୫୯, ତାମିଲନାଡୁରେ ୫ କୋଟି ୬୭ ଲକ୍ଷ ୭୪ ହଜାର ୪୩୬ ଏବଂ ପଶ୍ଚିମବଙ୍ଗରେ ୬ କୋଟି ୪୫ ଲକ୍ଷ ୬୧ ହଜାର ୧୫୨ ଜଣ ମତଦାତା ଥିଲେ । ପଶ୍ଚିମବଙ୍ଗରେ ପରବର୍ତ୍ତୀ ସମୟରେ ଅତିରିକ୍ତ ତାଲିକା ମାଧ୍ୟମରେ ନାମ ଯୋଡ଼ାଯିବାର ବ୍ୟବସ୍ଥା ମଧ୍ୟ ରହିଥିଲା । ତାଲିକାରୁ ବାଦ ପଡ଼ିଥିବା ନାମ ଓ ସମୁଦାୟ ମତଦାତା ସଂଖ୍ୟାର ହ୍ରାସ ନୂଆ ନୁହେଁ। ନୂଆ ନାମ ଯୋଡ଼ାଯିବା, ପୁରୁଣା ନାମ ପୁନଃସ୍ଥାପିତ ହେବା ଓ ଅଭିଯୋଗ ପରେ ସଂଶୋଧନ ହେବା, ସବୁକୁ ଏକାଠି ଗଣନା କରିବା ଦରକାର ।

## ଚାରି ରାଜ୍ୟର ତଥ୍ୟ: ବଡ଼ ପରିବର୍ତ୍ତନ

ନିର୍ବାଚନ କମିଶନ ପୋର୍ଟାଲର ରିପୋର୍ଟ ଅନୁସାରେ, କେରଳରେ ଏସ୍ଆଇଆର୍ ପୂର୍ବରୁ ପ୍ରାୟ ୨ କୋଟି ୭୮ ଲକ୍ଷ ୫୦ ହଜାର ୮୫୫ ଜଣ ମତଦାତା ଥିବାବେଳେ ପ୍ରାୟ ୮ ଲକ୍ଷ ୯୭ ହଜାର ନାମ ହ୍ରାସ ପାଇଛି । ଏହା ସହିତ ପ୍ରାୟ ୨୦ ଲକ୍ଷରୁ ଅଧିକ ନୂଆ ନାମ ଯୋଡ଼ାଯାଇଥିବା ତଥ୍ୟ ପ୍ରକାଶ ପାଇଛି । ସେହିପରି ତାମିଲନାଡୁରେ ସଂଶୋଧନ ପୂର୍ବରୁ ପ୍ରାୟ ୬ କୋଟି ୪୧ ଲକ୍ଷ ମତଦାତା ଥିଲେ। ଚୂଡ଼ାନ୍ତ ତାଲିକାରେ ମୋଟ ୫ କୋଟି ୬୭ ଲକ୍ଷ ୭୪ ହଜାର ୪୩୬ ଜଣ ରହିଥିଲେ। ପ୍ରକ୍ରିୟା ସମୟରେ ପ୍ରାୟ ୩୫ ଲକ୍ଷ ନୂଆ ନାମ ଯୋଡ଼ାଯାଇଥିବା ତଥ୍ୟ ପ୍ରକାଶ ପାଇଛି । ପଶ୍ଚିମବଙ୍ଗରେ ମଧ୍ୟ ପରିବର୍ତ୍ତନର ପରିମାଣ ବ୍ୟାପକ ଥିଲା । ପ୍ରାୟ ୫୮ ଲକ୍ଷ ମତଦାତାଙ୍କ ନାମକୁ 'ତାର୍କିକ ଅସଙ୍ଗତି' ଭାବେ ଚିହ୍ନଟ କରାଯାଇଥିଲା । ପରବର୍ତ୍ତୀ ଯାଞ୍ଚ ପରେ ପ୍ରାୟ ୨୭ ଲକ୍ଷ ୧୬ ହଜାର ନାମ ବାଦ ପଡ଼ିଥିଲା । ତାଙ୍କ ମଧ୍ୟରୁ ପ୍ରାୟ ୨୨ ଲକ୍ଷ ୨୧ ହଜାର ମତଦାତା ନାମ ପୁନଃସ୍ଥାପନ ପାଇଁ ଅପିଲ୍ କରିଥିବା ନିର୍ବାଚନ ଆୟୋଗ ସୁପ୍ରିମକୋର୍ଟଙ୍କୁ ଜଣାଇଥିଲା । ଆସାମର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ, ଖସଡ଼ା ତାଲିକାରୁ ପ୍ରାୟ ୨ ଲକ୍ଷ ୪୩ ହଜାର ନାମ ବାଦ ପଡ଼ିଥିଲା ଏବଂ ପ୍ରାୟ ୫ ଲକ୍ଷ ୮୬ ହଜାର ନୂଆ ନାମ ଯୋଡ଼ାଯାଇଥିଲା ।

## ମତଦାନ ହାର ଓ ନିର୍ବାଚନୀ ଫଳାଫଳ

୨୦୨୬ର ବିଧାନସଭା ନିର୍ବାଚନରେ ଆସାମରେ ୮୫.୩୮ ପ୍ରତିଶତ ଓ କେରଳରେ ୭୮.୦୩ ପ୍ରତିଶତ ମତଦାନ ହୋଇଥିଲା । ପଶ୍ଚିମବଙ୍ଗରେ ମତଦାନ ହାର ପ୍ରାୟ ୯୩.୭ ପ୍ରତିଶତ ଥିଲା । ଫଳାଫଳ ଅନୁସାରେ ପଶ୍ଚିମବଙ୍ଗରେ ୨୦୭ଟି ଆସନ ଭାରତୀୟ ଜନତା ପାର୍ଟି ଏବଂ ୮୦ଟି ଆସନ ତୃଣମୂଳ କଂଗ୍ରେସ ପାଇଥିଲା । କେରଳରେ କଂଗ୍ରେସ ୬୩, ସିପିଆଇ(ଏମ୍) ୨୬ ଓ ଇଣ୍ଡିଆନ୍ ୟୁନିଅନ୍ ମୁସଲିମ୍ ଲିଗ୍ ୨୨ଟି ଆସନ ପାଇଥିଲେ । ତାମିଲନାଡୁରେ ତାମିଲଗା ଭେଟ୍ରି କଲଗମ୍ ୧୦୮, ଦ୍ରାବିଡ଼ ମୁନେତ୍ର କଲଗମ୍ ୫୯ ଓ ଅଲ୍ ଇଣ୍ଡିଆ ଅନ୍ନା ଦ୍ରାବିଡ଼ ମୁନେତ୍ର କଲଗମ୍ ୪୭ଟି ଆସନ ପାଇଥିଲେ । ଆସାମରେ ବିଜେପି ୮୨ ଓ କଂଗ୍ରେସ ୧୯ଟି ଆସନ ପାଇଥିଲା ।

କିନ୍ତୁ ଏହି ଫଳାଫଳକୁ ଏସ୍ଆଇଆର୍‌ର ସିଧାସଳଖ ପରିଣାମ ବୋଲି କହିବା ପାଇଁ ପର୍ଯ୍ୟାପ୍ତ ପ୍ରମାଣ ନାହିଁ। ମତଦାତାଙ୍କ ଆଚରଣ, ପ୍ରାର୍ଥୀ, ଦଳୀୟ ମେଣ୍ଟ, ସ୍ଥାନୀୟ ପ୍ରସଙ୍ଗ ଓ ମତଦାନ ହାର ଭଳି ଅନେକ ଉପାଦାନ ନିର୍ବାଚନୀ ଫଳାଫଳ ସହ ଜଡ଼ିତ ।

## ତାଲିକାର ସ୍ୱଚ୍ଛତା ନା ଗଣତାନ୍ତ୍ରିକ ବିଶ୍ୱାସ?

ଏସ୍ଆଇଆର୍ ବିବାଦର ମୂଳ ପ୍ରଶ୍ନ ହେଉଛି, ମତଦାତା ତାଲିକାକୁ ସଠିକ୍ କରିବା ସହିତ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ମତାଧିକାର କିପରି ସୁରକ୍ଷିତ ରହିବ? ନାମ ବାଦ ପଡ଼ିବା ମାତ୍ର ସଂଖ୍ୟା ନୁହେଁ, ଏହା ପଛରେ ଜଣେ ନାଗରିକ, ଜଣେ ପରିବାର ଓ ତାଙ୍କର ଗଣତାନ୍ତ୍ରିକ ଅଧିକାର ରହିଛି। ସେହିପରି ଭାବେ ମୃତ କିମ୍ବା ଅଯୋଗ୍ୟ ନାମକୁ ତାଲିକାରେ ରଖିବା ମଧ୍ୟ ନିର୍ବାଚନୀ ବ୍ୟବସ୍ଥାର ବିଶ୍ୱସନୀୟତା ପାଇଁ ପ୍ରଶ୍ନ ସୃଷ୍ଟି କରେ। ତେଣୁ ଏସ୍ଆଇଆର୍‌ର ସଫଳତା କେତେ ଲକ୍ଷ ନାମ ବାଦ ପଡ଼ିଲା ତାହାରେ ନୁହେଁ। ଏହାର ପ୍ରକୃତ ପରୀକ୍ଷା ହେବ, କେତେ ଯୋଗ୍ୟ ନାଗରିକଙ୍କ ନାମ ସୁରକ୍ଷିତ ରହିଲା, କେତେ ଅଭିଯୋଗର ନ୍ୟାୟସଙ୍ଗତ ସମାଧାନ ହେଲା, କେତେ ଅପିଲ୍‌ର ଶୁଣାଣି ହେଲା ଏବଂ ସମଗ୍ର ପ୍ରକ୍ରିୟା କେତେ ସ୍ୱଚ୍ଛ ରହିଲା? ଶେଷରେ ନିର୍ବାଚନ ଆୟୋଗର ସବୁଠାରୁ ବଡ଼ ସମ୍ପଦ କୌଣସି ତଥ୍ୟଭଣ୍ଡାର ନୁହେଁ, ଜନସାଧାରଣଙ୍କ ବିଶ୍ୱାସ। ଏସ୍ଆଇଆର୍ ସେହି ବିଶ୍ୱାସକୁ କେତେ ମଜବୁତ କରିପାରିଲା, ତାହାର ଉତ୍ତର ଆଗାମୀ ଦିନର ତଥ୍ୟ, ନ୍ୟାୟିକ ପରୀକ୍ଷା ଓ ସ୍ୱଚ୍ଛ ପ୍ରକ୍ରିୟା ହିଁ ଦେବ ।

ସକାଳ THE SAKALA www.sakalaepaper.com

# ଏସ୍ଆଇଆର୍ ପ୍ରୟୋଜନୀୟତା





ଡ. କମଳା ପ୍ରସାଦ ମହାପାତ୍ର



ଭାରତୀୟ ଗଣତନ୍ତ୍ରର ଆଧାରଶୀଳା ହେଉଛି ମୁକ୍ତ, ଅବାଧ, ସ୍ୱଚ୍ଛ, ନିରପେକ୍ଷ ନିର୍ବାଚନରେ ଜନସାଧାରଣ କୌଣସି ଚାପ, ଭୟ, ପ୍ରଲୋଭନର ବଶବର୍ତ୍ତୀ ନହୋଇ ନିଜର ମତାଧିକାର ସାବ୍ୟସ୍ତ କରିବା। ଯୋଗ୍ୟ ମତଦାତାମାନେ ହିଁ ନିର୍ବାଚନରେ ନିଜର ମତଦାନ ମାଧ୍ୟମରେ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାର ପ୍ରାବଧାନ ଆମ ସମ୍ବିଧାନରେ ରହିଛି । ଏହା ଦ୍ୱାରା ସାଧାରଣ ଜନତା ନିଜ ମନପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଇ ନିର୍ବାଚିତ କରାଇ ବିଧାନସଭା ବା ଲୋକସଭାକୁ ପଠାଇଥାନ୍ତି। ସୁତରାଂ ଭାରତୀୟ ଗଣତାନ୍ତ୍ରିକ ଚୟନ ପ୍ରକ୍ରିୟାରେ ଜନସାଧାରଣଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ରହେ। ସେମାନେ ରାଷ୍ଟ୍ରର ଶାସନ ବ୍ୟବସ୍ଥାରେ ପରୋକ୍ଷ ଭାବେ ଅଂଶ ଗ୍ରହଣ କରିଥାନ୍ତି । ମତଦାନର ଅଧିକାର ସମ୍ବିଧାନ ଦ୍ୱାରା ସ୍ୱୀକୃତ ହେଲେ ମଧ୍ୟ ଅସଲି ମତଦାତାଙ୍କ ସଦ୍ୟତମ ସମାବେଶୀ ସଠିକ୍ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ହେବା ନିହାତି ଆବଶ୍ୟକ ଏହା ନହେଲେ ନକଲି, ଭୂତ ଭୋଟରମାନେ ଭୋଟ ଦେଇ ଅଯୋଗ୍ୟ ପ୍ରାର୍ଥୀ ଚୟନ କରିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ । ଏହା ଦ୍ୱାରା ଗଣତନ୍ତ୍ର ବିପନ୍ନ ହେବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ଏହି ଦୃଷ୍ଟିରୁ ଭାରତର ନିର୍ବାଚନ ଆୟୋଗ ସମୟ ଅନୁସାରେ ନିର୍ବାଚନ ଅନୁଷ୍ଠିତ ହେବା ପୂର୍ବରୁ ଭୋଟର ତାଲିକା ଯାଞ୍ଚ କରି ସଂଶୋଧନ ମଧ୍ୟ କରିଥାନ୍ତି । ସେହି ଯାଞ୍ଚ ଓ ସଂଶୋଧନ ପ୍ରକ୍ରିୟାର ଅଂଶ ବିଶେଷ ହେଲା ଅଧିକ ବ୍ୟାପକ ଓ କ୍ଷେତ୍ରସ୍ତରୀୟ ଯାଞ୍ଚ ଉପରେ ଆଧାରିତ ପ୍ରକ୍ରିୟା ସ୍ୱତନ୍ତ୍ର ସଘନ ସଂଶୋଧନ (ସ୍ପେଶାଲ ଇଣ୍ଟେନସିଭ ରିଭିଜନ୍) ବା ଏସ୍ଆଇଆର୍ ।

ବର୍ତ୍ତମାନ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ସରକାର ଜନଗଣନା ହେଉ ବା ନିର୍ବାଚନ ଆୟୋଗ ହେଉ ବା ଅନ୍ୟ କୌଣସି ସଂସ୍ଥା ମାଧ୍ୟମରେ ସାଧାରଣ ନିର୍ବାଚନ ପୂର୍ବରୁ ଭୋଟର ତାଲିକା ସଂଶୋଧନ କରି ଆସୁଥିଲେ ଏବେ ଏସ୍ଆଇଆର୍ ଏତେ ଅପରିହାର୍ଯ୍ୟ ହୋଇପଡ଼ିଲା କାହିଁକି। ବିରୋଧୀ ଦଳ ଏସ୍ଆଇଆର୍ ମ୍ୟାପିଂରେ ଅନେକ ତ୍ରୁଟି ବିଚ୍ୟୁତି ଦର୍ଶାଇ ଅନେକ ଯୋଗ୍ୟ ଭୋଟର ଭୋଟ ତାଲିକାରୁ ବାଦ୍ ପଡ଼ିବା ପ୍ରସଙ୍ଗ ଉଠାଇ ଏକ ବଡ଼ ଧରଣର ଆନ୍ଦୋଳନ ଆରମ୍ଭ କଲେ ।

ସରକାର ବିରୋଧୀ ଦଳର ଅଭିଯୋଗକୁ ପ୍ରତିହତ କରିବାକୁ କେତେକ କାରଣ ଦର୍ଶାଇଛନ୍ତି। ସରକାର ସର୍ବ ପ୍ରଥମେ ଏସ୍ଆଇଆରର ଆବଶ୍ୟକତା ସମ୍ପର୍କରେ କହିଛନ୍ତି । ଜଗତୀକରଣ ପଶ୍ଚାତ ଭାରତର ଆଧୁନିକ ସମାଜ ଅତ୍ୟନ୍ତ ଗତିଶୀଳ ହୋଇଅଛି। ଅନେକ ଲୋକ ପରିସ୍ଥିତି ଚକ୍ରରେ ଗୋଟିଏ ସ୍ଥାନ ଛାଡ଼ି ଅନ୍ୟତ୍ର ଯାଉଛନ୍ତି। ନିର୍ବାଚନ ଆୟୋଗ ମଧ୍ୟ ଦ୍ରୁତ ସହରୀକରଣ ଓ ସ୍ଥାନାନ୍ତରୀକରଣ ଭୋଟର ତାଲିକା ପରିବର୍ତ୍ତନ ପାଇଁ ଦାୟୀ ବୋଲି ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ବ୍ୟକ୍ତିଗତ ଭାବେ ବିଏଲ୍ଓମାନେ କ୍ଷେତ୍ର ପରିଦର୍ଶନ ସହ ନିର୍ଭୁଲ ଆକଳନର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଏହି ଏସ୍ଆଇଆର୍ ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ମଧ୍ୟରେ ନୂତନ ଭୋଟରମାନଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରିବା, ମୃତ ଭୋଟର ଓ ଅଯୋଗ୍ୟ ଭୋଟରମାନଙ୍କୁ ଚିହ୍ନଟ କରି ତାଲିକାରୁ ବାଦ ଦେବା, ପଡ଼ୋଶୀ ରାଷ୍ଟ୍ରରୁ ବିଦେଶୀ ବ୍ୟକ୍ତି କୌଣସି କାରଣରୁ ଭାରତକୁ ଆସି ଏଠି ନକଲି ପରିଚୟପତ୍ର ବନେଇ ଅସଲି ଭୋଟର ପରିଚୟ ଦେଉଥିବା ଭୋଟରମାନଙ୍କୁ ବାଦ୍ ଦେବା, ଏକାଧିକ ସ୍ଥାନରେ ନାମ ଥିବା ବ୍ୟକ୍ତିଙ୍କ ନାମକୁ ଭୋଟର ତାଲିକାରୁ ବାଦ ଦେବା ଆଦି ଅନ୍ତର୍ଭୁକ୍ତ। ଏହି ଦୃଷ୍ଟିରୁ ଏସ୍ଆଇଆର୍ ଜୀବିତ ଓ ଯୋଗ୍ୟ ଭୋଟର ତାଲିକା ଓ ବାସ୍ତବ ଜନସଂଖ୍ୟା ମଧ୍ୟରେ ସମନ୍ୱୟ ରକ୍ଷା ନିମିତ୍ତ ଏକ ପ୍ରଶାସନିକ ଆବଶ୍ୟକତା ରୂପେ ଗ୍ରହଣ କରାଯାଇଥାଏ । ସେଥିପାଇଁ ବିଏଲ୍ଓମାନେ ଦୁଇ ତିନି ଥର ଘରକୁ ଯାଇ ସଠିକ ତଥ୍ୟ ହାସଲ କରିବା ଆବଶ୍ୟକ। ମାତ୍ର କେତେକ କ୍ଷେତ୍ରରେ ଜଣେ ବ୍ୟକ୍ତି ଅନୁପସ୍ଥିତ ଥିଲେ ବା କିଛି ସମୟ ପାଇଁ କୌଣସି କାମରେ ବାହାରକୁ ଯାଇଥିଲେ ତାଙ୍କ ନାମକୁ ଭୋଟର ତାଲିକାରୁ ବାଦ୍ ଦିଆଯାଇଥିବା ଅଭିଯୋଗ ମଧ୍ୟ ଦେଖିବାକୁ ମିଳିଛି। ଏହା ଏସ୍ଆଇଆର୍ ମୂଳ ଲକ୍ଷ୍ୟର ପରିପନ୍ଥୀ ଅଟେ। କାରଣ ଭାରତୀୟ ସମ୍ବିଧାନର ଧାରା ୩୨୬ ଅନୁଯାୟୀ ଆଇନ ଦ୍ୱାରା ଅଯୋଗ୍ୟ ଘୋଷିତ ହୋଇ ନଥିବା ୧୮ ବର୍ଷ ବା ତା'ଠାରୁ ଅଧିକ ବୟସର ଭାରତୀୟ ନାଗରିକମାନଙ୍କ ଭୋଟର ତାଲିକାରେ ପଞ୍ଜିକୃତ ହେବାର ଅଧିକାର ଅଛି। ସ୍ୱତନ୍ତ୍ର ସଘନ ସଂଶୋଧନର ଉଦ୍ଦେଶ୍ୟ ନିର୍ଭୁଲ ଠିକଣା ସହ ଯୋଗ୍ୟ ଭୋଟରମାନଙ୍କ ସଠିକ୍ ଭୋଟର ତାଲିକା ପ୍ରସ୍ତୁତ କରିବା, ନାଗରିକମାନଙ୍କ ନ୍ୟାର୍ଯ୍ୟ ଗଣତାନ୍ତ୍ରିକ ଅଧିକାର କ୍ଷୁଣ୍ଣ କରିବା ନୁହେଁ ।

ମାତ୍ର ବିଡ଼ମ୍ବନାର ବିଷୟ ଏହି ଯେ ନିର୍ବାଚନ ଆୟୋଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏସ୍ଆଇଆର ପ୍ରକ୍ରିୟାରେ ଅନେକ ଢାଞ୍ଚାଗତ ତ୍ରୁଟି ସାମନାକୁ ଆସିବା ପରେ ଏହା ବିରୋଧରେ ସମାଲୋଚନାର ସ୍ୱର ତୀବ୍ର ଏବଂ ଶାଣିତ ହେବାରେ ଲାଗିଛି। ବିରୋଧୀଗୁଡ଼ିକ ସମସ୍ୱରରେ ପ୍ରତିବାଦ କରୁଛନ୍ତି ଯେ ବିଭିନ୍ନ ବାହାନା ଦେଖାଇ ବିପୁଳ ସଂଖ୍ୟାରେ ବୈଧ ଭୋଟରମାନଙ୍କ ନାମକୁ ଭୋଟର ତାଲିକାରୁ ଇଚ୍ଛାକୃତଭାବେ ରାଜନୈତିକ ଅଭିସନ୍ଧି ରଖି ବାଦ୍ ଦିଆଯାଉଛି । ମାମଲା ଏତେ ଗମ୍ଭୀର ହେଲା ଯେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ କଥା ଗଲା। ଏହି ବିଷୟ ଉପରେ ସୁପ୍ରିମକୋର୍ଟ ତ୍ୱରିତ ଶୁଣାଣି କରି ଅସନ୍ତୋଷ ପ୍ରକାଶ କରିବା ସହ ଯାନ୍ତ୍ରିକ ତ୍ରୁଟି ଓ ଦାୟିତ୍ୱହୀନ ମ୍ୟାପିଂ ପାଇଁ ନିର୍ବାଚନ ଆୟୋଗର ଦକ୍ଷତା ଓ ପ୍ରତିବଦ୍ଧତା ଉପରେ ପ୍ରଶ୍ନ କରିଛନ୍ତି । ନିଜ ଗ୍ରାମ, ପରିବାର ବା ବାସସ୍ଥାନ ସମ୍ପର୍କରେ ପ୍ରମାଣ ପତ୍ର ତ୍ୱରିତ ବେଗରେ ପେଶ କରିବା କେତେକ ସଂଖ୍ୟାଲଘୁ, ଦଳିତ, ଆଦିବାସୀ, ଦିନ ମଜୁରିଆ, ଠିକା ଶ୍ରମିକ ବର୍ଗର ବ୍ୟକ୍ତିମାନଙ୍କ ପକ୍ଷରେ ସମ୍ଭବ ନହୋଇପାରିବାରୁ ସେମାନେ ଯୋଗ୍ୟ ଭୋଟର ଭାବେ ପରିଗଣିତ ହୋଇ ପୂର୍ବ ନିର୍ବାଚନ ଗୁଡ଼ିକରେ ଭୋଟ ଦେଇଥିଲେ ମଧ୍ୟ, ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ଯୋଗାଡ଼ କରିବାକୁ ସେମାନଙ୍କୁ କିଛି ଅତିରିକ୍ତ ସମୟ ନଦେଇ ଭୋଟର ତାଲିକାରୁ ସେମାନଙ୍କ ନାମକୁ ବାଦ୍ ଦିଆଗଲା। ଏହି ପ୍ରକ୍ରିୟାର କମ୍ ସମୟ ସୀମା ରଖା ଯାଇଥିବାରୁ ଏହାକୁ କାର୍ଯ୍ୟକାରୀ କରିବାରେ ବହୁତ ଆହ୍ୱାନ ଓ ବିଭ୍ରାଟ ସୃଷ୍ଟି ହେଲା । ଏହି ଡାଟା କମ୍ପ୍ୟୁଟରରେ ଫିଡ୍ କଲାବେଳେ ସଫଟ୍‌ୱେୟାରର ତ୍ରୁଟି ଯୋଗୁଁ ଅନେକ ଯୋଗ୍ୟ ଅସଲି ଭୋଟରମାନଙ୍କ ନାମ ଆପେ ଆପେ ଡିଲିଟ୍ ହୋଇଗଲା। ଅଭିଯୋଗ ଦାଖଲ କରିବା ପାଇଁ ଅନୁସୃତ ଫର୍ମ-୭ର ଦୁରୁପଯୋଗ କରାଯାଇ ଅନେକ ଅସଲି ଭୋଟରଙ୍କ ନାମକୁ ବାଦ ଦିଆଗଲା । ଫର୍ମ-୬ ମାଧ୍ୟମରେ ନୂତନ ପଞ୍ଜୀକରଣ ଓ ଫର୍ମ-୮ ମାଧ୍ୟମରେ ଭୁଲ ସଂଶୋଧନ, ଆପତ୍ତି ଦାଖଲ ଆଦି ପ୍ରବଧାନକୁ ଜମା ଗୁରୁତ୍ୱ ଦିଆଗଲାନାହିଁ, ଯାହା ଫଳରେ ଜନ ଅସନ୍ତୋଷ ଉଗ୍ର ରୂପ ଧାରଣ କରିବାକୁ ଲାଗିଲା । ସିଟିଜନ୍ ସର୍ଭିସ୍ ପୋର୍ଟାଲରେ ସଠିକ୍ ବିବରଣୀ ପ୍ରଦାନ କରାଗଲା ନାହିଁ। ସମସ୍ତ ପ୍ରକ୍ରିୟା ଏକ ଆନ୍ତରିକତା ବିହୀନ, ଦାୟିତ୍ୱହୀନ, ଖାମଖିଆଲି ଶୈଳୀରେ ପରିଚାଳିତ ହେବା ଭଳି ମନେ ହେଲା । ଏହି ଏସ୍ଆଇ୍ଆର୍ ଢାଞ୍ଚା, ସ୍ୱଳ୍ପ ସମୟ ସୀମା, ତ୍ରୁଟିପୂର୍ଣ୍ଣ ଶୈଳୀ, ଦକ୍ଷତା ବିହୀନ ସଫଟ୍‌ୱେର୍, ସ୍ୱଚ୍ଛତା ବିହୀନ ପ୍ରକ୍ରିୟା, ସ୍ଥାନୀୟ ନିର୍ବାଚନ ଅଧିକାରୀଙ୍କୁ ଅଣଦେଖା ଇତ୍ୟାଦି ଅସଙ୍ଗତି ଦୃଷ୍ଟିରୁ ଏହାର କାର୍ଯ୍ୟକାରିତା ଉପରେ ନିର୍ବାଚନ ଆୟୋଗ ସଦସ୍ୟମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ଥିବା ସତ୍ତ୍ୱେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଜିଦ୍ ଫଳରେ ଏହାକୁ କାର୍ଯ୍ୟକାରୀ କରାଗଲା ସତ, ମାତ୍ର ସମସ୍ୟା କମ୍ ହେବା ପରିବର୍ତ୍ତେ ଅନେକ ବିଭ୍ରାଟ ସୃଷ୍ଟି ହେଲା ।

ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରଣୀତ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍ଆଇଆର୍ ଅବଶ୍ୟ ନିତାନ୍ତ ସ୍ୱାଗତଯୋଗ୍ୟ, କାରଣ ଏହି ପ୍ରକ୍ରିୟା ସ୍ୱଚ୍ଛତା, ପ୍ରତିବଦ୍ଧତା ଓ ଆନ୍ତରିକତା ସହ କାର୍ଯ୍ୟକାରୀ ହେଲେ ସଠିକ୍ ଭୋଟର ତାଲିକା ପ୍ରସ୍ତୁତ କରିବା ସମ୍ଭବ ହେବ, ନକଲି ଭୋଟରମାନଙ୍କୁ ଚିହ୍ନଟ କରି ବାଦ୍ ଦିଆଯାଇପାରିବ, ନିର୍ବାଚନ ସ୍ୱଚ୍ଛ ଓ ଅବାଧ ହୋଇପାରିବ ଏଥିରେ ଦ୍ୱିମତ ହେବାର ନାହିଁ। କିନ୍ତୁ ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍ଆଇଆର୍ ପ୍ରକ୍ରିୟା ପରିଚାଳନାରେ ଏତେ ଗୁରୁତର ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେବା ପରେ ଏହାର କାର୍ଯ୍ୟକାରିତା ଓ ପ୍ରାସଙ୍ଗିକତା ଉପରେ ବିଭିନ୍ନ ସ୍ତରରୁ ମାଳ ମାଳ ଅଭିଯୋଗ ଆସି ଶେଷରେ ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ପହଞ୍ଚିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା । ■

ମୋ: ୭୩୮୧୦୭୩୧୩୬











ଜୟନାରାୟଣ ମହାପାତ୍ର

# ସ୍ୱତନ୍ତ୍ର ସଘନ ସଂଶୋଧନର ପ୍ରଭାବ

ଗଣତନ୍ତ୍ର ଶାସନର ଶ୍ରେଷ୍ଠ ପୃଷ୍ଠପୋଷକ ଭାରତବର୍ଷ ତା'ର ଦୀର୍ଘ ୮୦ ବର୍ଷର ସଫଳ ଯାତ୍ରାରେ ଦିନକୁ ଦିନ ଅଧିକ ଋଦ୍ଧିମନ୍ତ ହେବାରେ ଲାଗିଛି, ଯେଉଁଥିପାଇଁ ଏହା ପୃଥିବୀର ସର୍ବବୃହତ୍ ଗଣତନ୍ତ୍ରର ମର୍ଯ୍ୟାଦା ଲାଭ କରିଛି। ତେବେ ଭାରତୀୟ ଗଣତନ୍ତ୍ରର ମୂଳ ଆଧାର ହେଉଛି ମତଦାତା ଏବଂ ତାଙ୍କର ମତଦାନ ଅଧିକାର। ଏକ ସୁସ୍ଥ, ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ସଠିକ୍ ମତଦାତା ତାଲିକା ନିହାତି ଜରୁରୀ। ଆମ ଦେଶରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ସାବାଳକ ନାଗରିକମାନେ ପ୍ରତି ୫ ବର୍ଷରେ ଥରେ ଦେଶର ବିଭିନ୍ନ ସାମ୍ବିଧାନିକ ସଦନ ଯଥା - ଲୋକସଭା, ରାଜ୍ୟ ବିଧାନସଭା, ଜିଲ୍ଲା ପରିଷଦ, ବ୍ଲକ୍ ପରିଷଦ ( ପଞ୍ଚାୟତ ସମିତି) ଓ ଗ୍ରାମ ପଞ୍ଚାୟତ ପାଇଁ ସିଧାସଳଖ ନିର୍ବାଚନ ଜରିଆରେ ସେମାନଙ୍କର ପ୍ରତିନିଧି ଚୟନ କରି ଥାଆନ୍ତି। ତେଣୁ ଏହି ଉଦ୍ଦେଶ୍ୟରେ ଦେଶର ନିର୍ବାଚନ ଆୟୋଗ ସମୟ ସମୟରେ ମତଦାତା ତାଲିକାର ପୁନଃନିରୀକ୍ଷଣ କରିଥାଏ। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ.ଆଇ.ଆର୍) ହେଉଛି ଏହି ପ୍ରକ୍ରିୟାର ଏକ ବ୍ୟାପକ ରୂପ, ଯାହାର ମୁଖ୍ୟ ଲକ୍ଷ୍ୟ ହେଉଛି ଅଧିକ ନିର୍ଭୁଲ, ସମ୍ପୂର୍ଣ୍ଣ କରି ମତଦାତା ତାଲିକା ତିଆରି କରିବା। ଏଥିପାଇଁ ଦେଶର ନିର୍ବାଚନ ଆୟୋଗ ଏହି ପ୍ରକଳ୍ପକୁ ୨୦୨୫ ମସିହାରୁ ଆରମ୍ଭ କରିଛନ୍ତି ଏବଂ ଓଡ଼ିଶାରେ ୨୦୨୬ ମେ ମାସ ୩୦ ତାରିଖରୁ ଆରମ୍ଭ କରିଛନ୍ତି। ଏଥିରେ ନିୟୋଜିତ ବୁଥ୍ ସ୍ତରୀୟ ଅଧିକାରୀ ମତଦାତାଙ୍କ ଘରକୁ ଯାଇ ବିଭିନ୍ନ ତଥ୍ୟ ଯାଞ୍ଚ ମେ ମାସ ୩୦ରୁ ଜୁନ୍ ୨୮ ମଧ୍ୟରେ ସମାପନ କରିଛନ୍ତି । ସମସ୍ତ ତଥ୍ୟ ଯାଞ୍ଚ ପରେ ଖସଡ଼ା ମତଦାତା ତାଲିକା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଇଛି। ଏଥିରେ କାହାର ନାମ ନ ଥିଲେ କିମ୍ବା ତଥ୍ୟରେ ଭୁଲ ଥିଲେ ସେ ବିଷୟ ଜଣାପଡ଼େ। ତେଣୁ ସେମାନଙ୍କ ଦାବି ଓ ଆପତ୍ତି ନିର୍ଦ୍ଧାରିତ ସମୟରେ ଦାଖଲ କରାଯାଇପାରେ। ଏହାପରେ ସଂପୃକ୍ତ ନିର୍ବାଚନ ଅଧିକାରୀ ଦାବି ଓ ଆପତ୍ତି ସବୁର ଯାଞ୍ଚ କରି ଶୁଣାଣି କରିବା ପରେ ପରିଶେଷରେ ଚୂଡ଼ାନ୍ତ ମତଦାତା ତାଲିକା ପ୍ରକାଶ ପାଇଛି।




ଓଡ଼ିଶାରେ ଏହି ବୃହତ କାର୍ଯ୍ୟକ୍ରମ ରାଜ୍ୟର ଜନସାଧାରଣ, ମତଦାତା, ବିଭିନ୍ନ ରାଜନୈତିକଦଳର ଅକୁଣ୍ଠ ସହାୟତା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସକ୍ରିୟ ସହଯୋଗରେ ସମାପିତ ହୋଇସାରିଛି, ମାତ୍ର ଦୁଃଖ ଓ ପରିତାପର ବିଷୟ ଏହି ପ୍ରକ୍ରିୟା ପରେ ରାଜ୍ୟ ମତଦାତାଙ୍କ ସଂଖ୍ୟା ୨୦ ଲକ୍ଷରୁ ଊର୍ଦ୍ଧ୍ୱ କମିଯାଇଛି। ଯେଉଁଥିପାଇଁ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଶୈଳୀରେ ସନ୍ଦେହ ଦେଖାଦେଇଛି। କାରଣ ଅନେକ ଯୋଗ୍ୟ ବ୍ୟକ୍ତି ଜୀବିତ ଥିଲେ ବି ସେମାନଙ୍କୁ ମୃତ ଦର୍ଶାଯାଇଛି ଓ ସେମାନଙ୍କର ଠିକଣା ପୂର୍ବଭଳି ସମାନ ଥିଲେ ବି, ସ୍ଥାନାନ୍ତରିତ ଚିହ୍ନଟ କରାଯାଇ ନାମ କଟା ଯାଇଥିବାର ଅଭିଯୋଗ ହେଉଛି। ଲଜିକାଲଡିସକ୍ରିପେନ୍‌ସି ଆଳରେ ପୂର୍ବ ତାଲିକାରୁ ନାମ ବାଦ୍ ଦିଆଯିବା ମତଦାତାଙ୍କୁ ଅଧିକ ବ୍ୟଥିତ କରିଛି। ସେଥିପାଇଁ ରାଜ୍ୟର ବିରୋଧୀ ଦଳଗୁଡ଼ିକ ଏହାର ତୀବ୍ର ବିରୋଧ କରି ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରନ୍ତି। ଅନେକ ରାଜ୍ୟରେ ମୁଖ୍ୟ ନିର୍ବାଚନ ଅଧିକାରୀମାନେ ମୁଖ୍ୟ ନିର୍ବାଚନ କମିଶନରଙ୍କ ବିରୁଦ୍ଧରେ ଅଭିଯୋଗ କରିଛନ୍ତି ଓ ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ମୁଖ୍ୟ ନିର୍ବାଚନ କମିଶନର ନିଜର ଅନ୍ୟ ଦୁଇ ସହଯୋଗୀ କମିଶନରଙ୍କୁ ପରାମର୍ଶ କରିନାହାନ୍ତି। ତାଙ୍କର ମନମୁଖୀ ନିଷ୍ପତ୍ତି ବିରୁଦ୍ଧରେ ସଂସଦରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ବିରୋଧୀଦଳମାନେ ସଂକେତ ଦେଲେଣି ଯାହାକି ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ବୁଧବାର ବିଳମ୍ବିତ ରାତିରେ ନିଜର ବ୍ୟକ୍ତିଗତ ଦର୍ଶାଇ ପଦରୁ ଇସ୍ତଫା ଦେଇଛନ୍ତି ଯାହାକି ବିଶ୍ୱାସଯୋଗ୍ୟ ନୁହେଁ।

ଏସ୍ଆଇଆର୍ କାର୍ଯ୍ୟରେ ବିଭିନ୍ନ ସ୍ଥାନରେ ହୋଇଥିବା ଚଞ୍ଚକତା ସମ୍ପର୍କରେ ଏକ ରିପୋର୍ଟ ଉପସ୍ଥାପନା କରିବାର ପ୍ରୟାସ ରଖୁଛି। ପୂର୍ବ ତାଲିକାରୁ ନାମ ବାଦ ଦେବା ପାଇଁ ଫର୍ମ- ୭ର ଦୁରୁପଯୋଗକରି କିଭଳି ଅନ୍ୟାୟ କରାଯାଇଛି, ଏଥିରୁ ସ୍ପଷ୍ଟ ବୁଝାପଡ଼େ। ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ଜଣେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ) ନିରୁପମା ତ୍ରିପାଠୀଙ୍କ ଅଜ୍ଞାତରେ ତାଙ୍କର ଏସ୍ଆଇଆର୍ ପରିଚୟ ପତ୍ର ଦସ୍ତାବିଜ୍ ବ୍ୟବହାର କରି ୨୨୭ ଟି ଫର୍ମ -୭ କେହି ଜଣେ ଦାଖଲ କରିଛନ୍ତି ଯୋଗ୍ୟ ଭୋଟରଙ୍କ ନାମ ବାଦ ଦେବା ପାଇଁ। ସେ ଅନ୍ୟ ସାଥୀ ବିଏଲ୍ଓମାନଙ୍କୁ ପଚାରନ୍ତେ ଜାଣିବାକୁ ପାଇଲେ କି ଆହୁରି କେତେକ ବିଏଲ୍ଓଙ୍କ ନାମର ଦୁରୁପଯୋଗ କରି ୭ ନଂ ଫର୍ମ ଦାଖଲ କରାଯାଇଛି। ତେଣୁ ଏଭଳି ୧୦ ଜଣ ବିଏଲ୍ଓ ସେପ୍ଟେମ୍ବର ୪ ତାରିଖ ଦିନ ଧାମନଗର ପୋଲିସ ଥାନାରେ ଅଭିଯୋଗ ଦରଜ କରିବାରୁ ଭାରତର ନିର୍ବାଚନ ଆୟୋଗଙ୍କ ପ୍ରାଥମିକ ଅନୁସନ୍ଧାନ ପରେ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ଓ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଏଇଆର୍ଓ)ଙ୍କ ବିରୁଦ୍ଧରେ ମାମଲା କରାଯାଇ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଜଣାଯାଇଛି , ଏହି ୨୨୭ ଫର୍ମ -୭ରୁ ୨୦୫ ଜଣ ନିର୍ଦ୍ଦିଷ୍ଟ ଏକ ଯୋଗ୍ୟ ସଂଖ୍ୟାଲଘୁ ଗୋଷ୍ଠୀର ଭୋଟଦାତା।



ତେଣୁ ଆଜିର ଆବଶ୍ୟକତା ହେଉଛି - ଭୋଟର ତାଲିକାର ପ୍ରତ୍ୟେକ ନାମକୁ ଗୁରୁତ୍ୱର ସହ ଦେଖିବା ଏବଂ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ମତାଧିକାରକୁ ସୁରକ୍ଷିତ ରଖିବା । ଏସ୍ଆଇଆର୍‌କୁ ନେଇ ମତଭେଦ ଥାଇପାରେ, ପ୍ରଶ୍ନ ଉଠିପାରେ କିନ୍ତୁ ସେହି ପ୍ରଶ୍ନର ଉତ୍ତର ମିଳିବା ଦରକାର। ତଥ୍ୟ, ପାରଦର୍ଶିତା, ଆଇନ ଓ ଜନ ସହଭାଗିତା ମାଧ୍ୟମରେ। ନିର୍ବାଚନ ଆୟୋଗ ଓ ପ୍ରଶାସନର ଦାୟିତ୍ୱ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା। ରାଜନୈତିକ ଦଳଗୁଡ଼ିକର ଦାୟିତ୍ୱ – ତଥ୍ୟଭିତ୍ତିକଭାବେ ଲୋକଙ୍କୁ ସଚେତନ କରାଇବା ଏବଂ ନାଗରିକଙ୍କ ଦାୟିତ୍ୱ – ନିଜ ନାମ ଯାଞ୍ଚ କରିବା, ତ୍ରୁଟି ଥିଲେ ସଂଶୋଧନ କରାଇବା ଓ ନିଜ ମତାଧିକାର ପ୍ରତି ସଚେତନ ରହିବା। କାରଣ ଭୋଟର ତାଲିକାର ଗୋଟିଏ ନାମ କେବଳ ଗୋଟିଏ ନମ୍ବର ନୁହେଁ, ସେହି ନାମ ପଛରେ ଅଛି ଜଣେ ନାଗରିକର ସ୍ୱର। ସେହି ସ୍ୱର ଯେପରି ଅନ୍ୟାୟଭାବେ ନିରବ ନ ହୁଏ ଏବଂ ଗଣତନ୍ତ୍ରରେ କୌଣସି ଯୋଗ୍ୟ ନାଗରିକ ଯେପରି ଯେପରି ଅଦୃଶ୍ୟ ହୋଇନଯାଆନ୍ତି। ଏହା ନିଶ୍ଚିତ କରିବା ସମସ୍ତଙ୍କର ସାମୂହିକ ଦାୟିତ୍ୱ। ■

ରୁପ୍ସା, ବାଲେଶ୍ୱର
ମୋ: ୯୪୩୮୧୭୭୬୩୪





ଡ. ପଦ୍ମଲୋଚନ ରାଉତ






# ଭୋଟର ତାଲିକାର ଶୁଦ୍ଧିକରଣ ନା ଗଣତନ୍ତ୍ରର ଅଗ୍ନିପରୀକ୍ଷା

ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତି ହେଉଛି ଜନମତ । ଆଉ ଜନମତର ସବୁଠାରୁ ପ୍ରମୁଖ ମାଧ୍ୟମ ହେଉଛି ମତଦାନ । ଜଣେ ନାଗରିକଙ୍କ ହାତରେ ଥିବା ଭୋଟ କେବଳ ଏକ ଚିହ୍ନ ନୁହେଁ; ଏହା ତାଙ୍କର ଗଣତାନ୍ତ୍ରିକ ଅସ୍ତିତ୍ୱର ପ୍ରମାଣ । ତେଣୁ ଭୋଟର ତାଲିକା କେବଳ କାଗଜରେ ଥିବା ନାମର ତାଲିକା ନୁହେଁ- ଏହା ଗଣତନ୍ତ୍ରର ମୂଳ ଦଲିଲ । ଏହି ପରିପ୍ରେକ୍ଷୀରେ ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍ଆଇଆର୍) ବା ସ୍ୱତନ୍ତ୍ର ସଘନ ସଂଶୋଧନ ଆଜି ଦେଶର ରାଜନୈତିକ ଓ ସାମ୍ବିଧାନିକ ଚର୍ଚ୍ଚାର କେନ୍ଦ୍ରରେ ରହିଛି । ନିର୍ବାଚନ କମିଶନଙ୍କ ଅନୁସାରେ ଏହାର ଲକ୍ଷ୍ୟ ହେଉଛି ଭୋଟର ତାଲିକାକୁ ସଠିକ୍, ଅଦ୍ୟତନ ଓ ଅଯୋଗ୍ୟ/ ଦ୍ୱିତୀୟ ନାମରୁ ମୁକ୍ତ କରିବା ସହିତ କୌଣସି ଯୋଗ୍ୟ ଭୋଟର ଯେପରି ବାଦ ନ ପଡ଼ନ୍ତି, ତାହା ସୁନିଶ୍ଚିତ କରିବା । କିନ୍ତୁ ପ୍ରଶ୍ନ ଉଠୁଛି- ତାଲିକା ଶୁଦ୍ଧ ହେବା ସହିତ ଯଦି ଜଣେ ଯୋଗ୍ୟ ନାଗରିକଙ୍କ ନାମ ଭୁଲରେ ବାଦ ପଡ଼ିଯାଏ, ତେବେ ସେହି ଶୁଦ୍ଧିକରଣର ମୂଲ୍ୟ କିଏ ଦେବ ?



## ଏସ୍ଆଇଆର୍‌ର ଉଦ୍ଦେଶ୍ୟ

ସାଧାରଣ ଭୋଟର ତାଲିକା ସଂଶୋଧନ ତୁଳନାରେ ଏସ୍ଆଇଆର୍ ହେଉଛି ଅଧିକ ବ୍ୟାପକ ଯାଞ୍ଚ ପ୍ରକ୍ରିୟା । ଏଥିରେ ଘରକୁ ଘର ଯାଇ ଭୋଟର ସମ୍ପର୍କିତ ତଥ୍ୟ ଯାଞ୍ଚ, ରେକର୍ଡ ସହିତ ମେଳ, ଖସଡ଼ା ତାଲିକା ପ୍ରକାଶ ଏବଂ ଦାବି ଓ ଆପତ୍ତି ପାଇଁ ସୁଯୋଗ ଦେବା ଭଳି ପଦକ୍ଷେପ ରହିଛି । ନିର୍ବାଚନ କମିଶନଙ୍କ ଘୋଷଣା ଅନୁସାରେ ୨୦୨୬ର ତୃତୀୟ ପର୍ଯ୍ୟାୟରେ ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ୩୬.୭୩ କୋଟି ଭୋଟରଙ୍କ ପାଇଁ ପ୍ରାୟ ୩.୯୪ ଲକ୍ଷ ବୁଥ୍ ଲେଭେଲ୍ ଅଫିସର୍ ବା ବିଏଲ୍ଓ ଘରେ ଘରେ ଯାଇ ଯାଞ୍ଚ କରିବାକୁ ନିୟୋଜିତ ହୋଇଥିଲେ । ଉଦ୍ଦେଶ୍ୟ ଦୃଷ୍ଟିରୁ ଦେଖିଲେ, ଏପରି ଯାଞ୍ଚ ଏକ ସୁସ୍ଥ ନିର୍ବାଚନ ବ୍ୟବସ୍ଥା ପାଇଁ ଆବଶ୍ୟକ ହୋଇପାରେ । କିନ୍ତୁ ପ୍ରଶ୍ନ ହେଉଛି-ଯାଞ୍ଚର ପ୍ରକ୍ରିୟା କେତେ ସହଜ, ସ୍ୱଚ୍ଛ ଓ ନ୍ୟାୟସଙ୍ଗତ ?

## ନିର୍ବାଚନ କମିଶନଙ୍କ ଭୂମିକା

ଭାରତୀୟ ନିର୍ବାଚନ କମିଶନ ଏକ ନିରପେକ୍ଷ ସାମ୍ବିଧାନିକ ସଂସ୍ଥା । ସ୍ୱଚ୍ଛ ଓ ମୁକ୍ତ ନିର୍ବାଚନ ସୁନିଶ୍ଚିତ କରିବା ତାହାର ମୂଳ ଦାୟିତ୍ୱ । ଏହି କାରଣରୁ ଭୋଟର ତାଲିକାର ନିର୍ଭୁଲ ରହିବା ମଧ୍ୟ ନିର୍ବାଚନ ବ୍ୟବସ୍ଥାର ଅବିଚ୍ଛିନ୍ନ ଅଂଶ । ଏସ୍ଆଇଆର୍ ସମ୍ପର୍କରେ କମିଶନ କହିଛି ଯେ ଯୋଗ୍ୟ ଭୋଟରଙ୍କୁ ବାଦ ଦେବା ରୋକିବା ପାଇଁ ଘରେ ଘରେ ସୂଚନା, ଦାବି-ଆପତ୍ତିର ସୁଯୋଗ, ଖସଡ଼ା ତାଲିକା ପ୍ରକାଶ ଏବଂ ଅପିଲ୍ ବ୍ୟବସ୍ଥା ଭଳି ସୁରକ୍ଷା ବ୍ୟବସ୍ଥା ରହିଛି । ତେଣୁ ଏସ୍ଆଇଆର୍‌ର ସଫଳତା କେବଳ କେତେ ନାମ ଯୋଡ଼ାଗଲା ବା କେତେ ନାମ ବାଦ ଦିଆଗଲା, ତାହା ମାପା ଯିବ ନାହିଁ । ଏହାର ସଫଳତା ନିର୍ଭର କରିବ-ଜଣେ ଯୋଗ୍ୟ ନାଗରିକଙ୍କ ଭୋଟ ଅଧିକାର କେତେ ସୁରକ୍ଷିତ ରହିଲା ।

ବର୍ତ୍ତମାନର ନିର୍ବାଚନ କମିଶନ ଭୂମିକା ସନ୍ଦେହ ଘେରରେ । ନିର୍ବାଚନ କମିଶନ ଉଦ୍ଦେଶ୍ୟ ମୂଳକ ଭାବେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଏସ୍ଆଇଆର୍ ନାଁରେ ଲକ୍ଷ ଲକ୍ଷ ଯୋଗ୍ୟ ଭାରତୀୟ ନାଗରିକଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯାଇଛି । ଯାହା ଶାସକ ଦଳକୁ କ୍ଷମତାସୀନ କରିବାରେ ଶତ ପ୍ରତିଶତ ସଫଳତା ଆଣି ଦେଉଛି । ବିରୋଧୀ ଦଳ ଗୁଡ଼ିକକୁ ନିର୍ବାଚନରେ ନିର୍ବାଚନ କମିଶନ ଜାଣିଶୁଣି ପରାସ୍ତ କରି ଦେଉଛନ୍ତି । ବର୍ତ୍ତମାନର ନିର୍ବାଚନ କମିଶନ ଶାସକ ଦଳର ହାତ ବାରିଶି ସାଜି କାମ କରୁଛି ବୋଲି ଅଭିଯୋଗ ହେଉଛି । ଭାରତର ବିଭିନ୍ନ ରାଜ୍ୟରେ ସଦ୍ୟ ଅନୁଷ୍ଠିତ ହୋଇ ଯାଇଥିବା ନିର୍ବାଚନ ଗୁଡ଼ିକରୁ ଏହାର ସ୍ପଷ୍ଟ ପ୍ରମାଣ ମିଳୁଛି । ବିରୋଧୀ ଦଳ ଗୁଡ଼ିକୁ ନିର୍ବାଚନରେ ଜାଣିଶୁଣି ନିର୍ବାଚନ କମିଶନ ହରାଇ ଦେଇଛି ଏବଂ ଜନମତକୁ ଚକ୍ରାନ୍ତ କରି କଳେ ବଳେ କୌଶଳେ ଶାସକ ଦଳ ସପକ୍ଷରେ ନିଆଯାଉଛି । ଏହା ଅପ୍ରିୟ ସତ୍ୟ ଯେ, ନିର୍ବାଚନ କମିଶନ ଶାସକ ଦଳର ବୁଥ ଏଜେଣ୍ଟ ଭଳି କାମ କରୁଛି । ଆଜି ଏହି ତଥାକଥିତ ଏସ୍ଆଇଆର୍ ଶାସକ ଦଳର ଇଙ୍ଗିତରେ ନିର୍ବାଚନ କମିଶନ ଭାରତୀୟ ନାଗରିକମାନଙ୍କର ମୌଳିକ ଅଧିକାର ଜୋର୍ ଜବରଦସ୍ତ ଛଡ଼ାଇ ନେଉଛି । ଆଜିର ପରିସ୍ଥିତିକୁ ଅନୁଧ୍ୟାନ କଲେ ଜଣାପଡୁଛି, ନିର୍ବାଚନ କମିଶନ ନିଜ କ୍ଷମତାର ଅପବ୍ୟବହାର କରି ଗଣତନ୍ତ୍ରର ହତ୍ୟାକାରୀ ସାଜିଛି । ନିର୍ବାଚନ କମିଶନ ଉପରେ ନାଗରିକମାନେ ପ୍ରଶ୍ନ କଲେ ଶାସକ ଦଳ ପ୍ରେସ୍‌ମିଟ୍ କରି ଉତ୍ତର ଦେଉଛି ଓ ଶାସକ ଦଳ ପଦ୍ମ ଭୂଷଣ ପୁରସ୍କାର ଦେବାକୁ ଦାବି କରୁଛି । ଏହାଠାରୁ ଲଜ୍ୟାର ବିଷୟ ଭାରତୀୟ ଲୋକତନ୍ତ୍ରରେ ଆଉ କ'ଣ ହୋଇପାରେ?

ଏଥିରୁ ନିର୍ବାଚନ କମିଶନର ନିରପେକ୍ଷତା ଓ ସ୍ୱଚ୍ଛତାର ପ୍ରମାଣ ମିଳୁଛି !

ଏସ୍ଆଇଆର୍‌କୁ ନେଇ ବର୍ତ୍ତମାନର ବିବାଦ କେବଳ ରାଜନୈତିକ ନୁହେଁ; ଏହା ପ୍ରକ୍ରିୟା, ଦଲିଲ୍, ଯାଞ୍ଚ ଓ ଭୋଟର ଅଧିକାର ସହିତ ମଧ୍ୟ ଜଡ଼ିତ । କେତେକ ଆପତ୍ତିରେ ଯୋଗ୍ୟ ଭୋଟରଙ୍କ ନାମ ବାଦ ପଡ଼ିବାର ସମ୍ଭାବନା, ଦଲିଲ୍ ଯୋଗାଡ଼ର ଅସୁବିଧା ଓ ପ୍ରକ୍ରିୟାର ପାରଦର୍ଶିତା ନେଇ ପ୍ରଶ୍ନ ଉଠାଯାଇଛି । ଅନ୍ୟପକ୍ଷରେ ଇସିଆଇ କହୁଛି ଯେ, ତାଲିକାର ଶୁଦ୍ଧତା ନିଶ୍ଚିତ କରିବା ତାହାର ସାମ୍ବିଧାନିକ ଦାୟିତ୍ୱ ।

ଏସ୍ଆଇଆର୍‌କୁ ନେଇ ଆଇନଗତ ପ୍ରଶ୍ନ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ପହଞ୍ଚିଥିଲା । ୨୭ ମେ ୨୦୨୬ର ରାୟରେ କୋର୍ଟ ଏସ୍ଆଇଆର୍ କରିବାର ନିର୍ବାଚନ କମିଶନଙ୍କ କ୍ଷମତାକୁ ସ୍ୱୀକାର କରିଥିବା ସହିତ ପ୍ରକ୍ରିୟାରେ ନୋଟିସ୍, ଶୁଣାଣି, କାରଣସହ ନିଷ୍ପତ୍ତି ଓ ଅପିଲ୍ ଭଳି ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛି । ଏଠାରେ ଗଣତନ୍ତ୍ର ପାଇଁ ଏକ ମୂଳ ଶିକ୍ଷା ରହିଛି- ନିର୍ବାଚନୀ ତାଲିକାକୁ ଶୁଦ୍ଧ କରିବାର ଅଧିକାର ଯେତେ ଗୁରୁତ୍ୱପୂର୍ଣ୍ଣ, ଜଣେ ନାଗରିକଙ୍କ ଭୋଟ ଅଧିକାରକୁ ସୁରକ୍ଷା କରିବାର ଦାୟିତ୍ୱ ମଧ୍ୟ ସେତେ ଗୁରୁତ୍ୱପୂର୍ଣ୍ଣ ।

ଏସ୍ଆଇଆର୍‌କୁ କେବଳ 'ନାମ କଟିବା' କିମ୍ବା 'ନାମ ଯୋଡ଼ିବା'ର ପ୍ରଶାସନିକ ପ୍ରକ୍ରିୟା ଭାବେ ଦେଖିଲେ ଏହାର ବ୍ୟାପକ ତାତ୍ପର୍ଯ୍ୟ ଅନୁଭବ କରିହେବ ନାହିଁ । ଏହା ମୂଳତଃ ରାଜ୍ୟ ଓ ନାଗରିକଙ୍କ ମଧ୍ୟରେ ଥିବା ବିଶ୍ୱାସର ପରୀକ୍ଷା । ଯଦି ଜଣେ ଅଯୋଗ୍ୟ ବ୍ୟକ୍ତି ତାଲିକାରେ ରହିଯାଆନ୍ତି, ତେବେ ନିର୍ଭୁଲ ତାଲିକା ନେଇ ପ୍ରଶ୍ନବାଚୀ ହୁଏ । ଆଉ ଯଦି ଜଣେ ଯୋଗ୍ୟ ନାଗରିକଙ୍କ ନାମ ଭୁଲରେ ବାଦ ପଡ଼େ, ତେବେ ଗଣତନ୍ତ୍ରର ଅଂଶ ଗ୍ରହଣ ମୂଳକ ଚରିତ୍ର ପ୍ରଭାବିତ ହୁଏ । ତେଣୁ ଦୁଇଟି ଦିଗକୁ ଏକାସାଙ୍ଗରେ ସୁରକ୍ଷା କରିବା ହିଁ ହେବା ଉଚିତ୍ ମୂଳ ଲକ୍ଷ୍ୟ ।

ଗଣତନ୍ତ୍ରରେ କେବଳ ନିର୍ବାଚନ କମିଶନ ନୁହେଁ, ନାଗରିକଙ୍କର ମଧ୍ୟ ଦାୟିତ୍ୱ ରହିଛି । ପ୍ରତ୍ୟେକ ଭୋଟର ନିଜ ନାମ ଭୋଟର ତାଲିକାରେ ଅଛି କି ନାହିଁ, ତାହା ଯାଞ୍ଚ କରିବା ଆବଶ୍ୟକ । ଇସିଆଇର ନାଗରିକ ସେବା ପୋର୍ଟାଲରେ ଏସ୍ଆଇଆର୍ ସମ୍ପର୍କିତ ତଥ୍ୟ, ନାମ ଖୋଜିବା, ଦାବି-ଆପତ୍ତି ଓ ଆବେଦନର ବ୍ୟବସ୍ଥା ରହିଛି ।

ଭୋଟର ତାଲିକାର ଶୁଦ୍ଧିକରଣ ଆବଶ୍ୟକ ହୋଇପାରେ; କିନ୍ତୁ ସେହି ଶୁଦ୍ଧିକରଣର ପ୍ରତ୍ୟେକ ପଦକ୍ଷେପ ପାରଦର୍ଶୀ, ଯାଞ୍ଚଯୋଗ୍ୟ, ନ୍ୟାୟସଙ୍ଗତ , ନିରପେକ୍ଷ ଓ ନାଗରିକ-ସହଜ ହେବା ଆବଶ୍ୟକ । ଏକ ନାମ ତାଲିକାରେ ରଖିବା କେବଳ ପ୍ରଶାସନିକ କାର୍ଯ୍ୟ ନୁହେଁ; ଏହା ଜଣେ ନାଗରିକଙ୍କ ଗଣତାନ୍ତ୍ରିକ ଅସ୍ତିତ୍ୱକୁ ସ୍ୱୀକୃତି ଦେବା । ତେଣୁ ଏସ୍ଆଇଆର୍‌ର ସତ୍ୟ ସଫଳତା କେତେ ନାମ ବାଦ ପଡ଼ିଲା ଏଥିରେ ନୁହେଁ; ବରଂ କେତେ ଯୋଗ୍ୟ ନାଗରିକଙ୍କ ଅଧିକାର ନିର୍ଭୁଲ ଭାବେ ସୁରକ୍ଷିତ ରହିଲା- ସେଥିରେ ।ଗଣତନ୍ତ୍ରରେ ତାଲିକା ଶୁଦ୍ଧ ହେବା ଦରକାର, କିନ୍ତୁ ତାହାଠାରୁ ଅଧିକ ଶୁଦ୍ଧ ରହିବା ଦରକାର ନିର୍ବାଚନ ପ୍ରକ୍ରିୟା ପ୍ରତି ଜନତାଙ୍କ ବିଶ୍ୱାସ । ■

ଆସୋସିଏଟ୍ ପ୍ରଫେସର୍, ଅରୁଣାଚଳ ପ୍ରଦେଶ
ମୋ: ୯୬୬୮୦୯୧୩୦୦

ଗୋଟିଏ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ନାଗରିକମାନେ ସର୍ବଶକ୍ତିଶାଳୀ । ନାଗରିକମାନେ ନିର୍ବାଚନ ମାଧ୍ୟମରେ ଜନପ୍ରତିନିଧି ଚୟନ କରିଥାନ୍ତି । ନିର୍ବାଚନ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ଦେଶର ସମ୍ପୂର୍ଣ୍ଣ ଏବଂ ସଠିକ୍ ଭୋଟର ତାଲିକା ପ୍ରସ୍ତୁତ କରିବାର ଦାୟିତ୍ୱ ନିର୍ବାଚନ ଆୟୋଗଙ୍କ ଉପରେ ନ୍ୟସ୍ତ କରାଯାଇଥାଏ । ଏହି କାର୍ଯ୍ୟ କରିବା ପାଇଁ ନିର୍ବାଚନ ଆୟୋଗଙ୍କୁ ଏକ ସାମ୍ବିଧାନିକ ସଂସ୍ଥା ଭାବରେ ଗଠନ କରାଯାଇଛି । ଭୋଟର ତାଲିକାକୁ ସମ୍ପୂର୍ଣ ଏବଂ ସଠିକ୍ କରିବା ପାଇଁ ନିର୍ବାଚନ ଆୟୋଗ ବିଭିନ୍ନ ପ୍ରକ୍ରିୟା ମାଧ୍ୟମରେ ଏହା ସଂପୂର୍ଣ୍ଣ କରିଥାନ୍ତି ।

# ସନ୍ଦେହ ଘେରରେ ଏସ୍ଆଇଆର୍



ଡକ୍ଟର ସାମନ୍ତ ସାହୁ

ଏସ୍ଆଇଆର୍ ବା ସ୍ୱତନ୍ତ୍ର ସଘନ ସଂଶୋଧନ ଏକ ବ୍ୟାପକ ପ୍ରକ୍ରିୟା । ଏହି ପ୍ରକ୍ରିୟା ମାଧ୍ୟମରେ ଯୋଗ୍ୟ ଭୋଟରଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ନିର୍ବାଚନ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଯୁକ୍ତ ଅଧିକାରୀମାନେ ଘରକୁ ଘର ଯାଇ ଗଣନା କରିଥାନ୍ତି । ଏସ୍ଆଇଆର୍ ଦ୍ୱାରା ସମସ୍ତ ଯୋଗ୍ୟ ଭୋଟରଙ୍କୁ ଗଣନା କରିବା ଏବଂ ସ୍ଥାୟୀ ଭାବରେ ସ୍ଥାନାନ୍ତରିତ ହୋଇଥିବା ବ୍ୟକ୍ତି, ମୃତ ବ୍ୟକ୍ତି, ନକଲି ଭୋଟର, ଅଯୋଗ୍ୟ ଘୋଷିତ ବ୍ୟକ୍ତିଙ୍କୁ ଚିହ୍ନଟ କରି ତାଲିକାରୁ ବାଦ୍ ଦେବାର ଏହାର ଉଦ୍ଦେଶ୍ୟ । ସମ୍ପୃକ୍ତ ଭୋଟ୍ ବୁଥ୍ ଗୁଡ଼ିକରେ ଭୋଟରଙ୍କ ତଥ୍ୟର ସଠିକ୍ ଏବଂ ଭୋଟର ହେବାର ଅଧିକାର ପାଇଥିବା ଯୋଗ୍ୟ ବ୍ୟକ୍ତିଙ୍କ ତାଲିକାକୁ ପ୍ରକାଶ କରିବାର ଦାୟିତ୍ୱ ହେଉଛି ଏସ୍ଆଇଆର୍‌ର ।

ଏସ୍ଆଇଆର୍ ହେଉଛି ଏକ ବିସ୍ତୃତ ପ୍ରକ୍ରିୟା, ଯେଉଁଠାରେ ବିଏଲ୍ଓମାନେ ସଠିକ୍ ତଥ୍ୟ ଜାଣିବା ପାଇଁ ଭୋଟର ଫର୍ମ ସହିତ ଘରକୁ ଘର ପରିଦର୍ଶନ କରି ନୂତନ ଭୋଟରଙ୍କୁ ଗଣନା କରନ୍ତି । ଯଦି ଭୋଟର ତାଲିକାରେ କୌଣସି ତ୍ରୁଟି ବା ମତଭେଦ ଅଛି, ତେବେ ଇଆର୍ଓଙ୍କୁ ରିପୋର୍ଟ କରନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶିତ କରାଯାଏ । ଯେଉଁ ଲୋକମାନଙ୍କର କୌଣସି ଦାବି ଅଥବା ଆପତ୍ତି ଥାଏ ତାକୁ ଅଭିଯୋଗ ଦାଖଲ କରିବାକୁ ସମୟ ଦିଆଯାଇଥାଏ । ଲୋକମାନଙ୍କ ସମସ୍ତ ଦାବି, ଅଭିଯୋଗକୁ ଭିତ୍ତି କରି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପୂର୍ବରୁ ଇଆର୍ଓଙ୍କ ଦ୍ୱାରା ସମୀକ୍ଷା କରାଯାଇଥାଏ ।

ଭାରତର ନିର୍ବାଚନ କମିଶନ ୨୦୨୫ ଅକ୍ଟୋବରରେ ବିହାରଠାରୁ ଆରମ୍ଭ କରି ଦେଶ ବ୍ୟାପୀ ଏସ୍ଆଇଆର୍ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ପର୍ଯ୍ୟାୟକ୍ରମେ ସାରା ଦେଶର ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରେ ଏହାକୁ ଅନ୍ତର୍ଭୁକ୍ତ କରିଥିଲେ । ଏ ପର୍ଯ୍ୟନ୍ତ ୨୦ଟି ରାଜ୍ୟରେ ଏସ୍ଆର୍ଆର୍ ସମାପ୍ତ ହୋଇଛି । ଯେଉଁଠାରେ ଏସ୍ଆଇଆର୍ ସମାପ୍ତ ହୋଇଛି ଏବଂ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଁ ସାରିଛି, ସେଠାରେ ବହୁ ସଂଖ୍ୟାରେ ଭୋଟର ଅଛନ୍ତି ଯେଉଁମାନେ ଭୋଟର ତାଲିକାରୁ ବାଦ୍ ପଡ଼ିଛନ୍ତି । ଅନେକ ସ୍ଥାନରେ ସଂଶୋଧିତ ଭୋଟର ତାଲିକାରେ ବାଦ୍ ପଡ଼ିଥିବା ଭୋଟରମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଆବେଦନ ବିଚାରାଧୀନ ରହିଛି ।

ଗଣତନ୍ତ୍ର ଉପରେ ଲୋକଙ୍କର ବିଶ୍ୱାସ ରଖିବା ପାଇଁ ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏସ୍ଆଇଆର୍ ପ୍ରକ୍ରିୟା ତ୍ରୁଟିମୁକ୍ତ, ନାଗରିକ କୈନ୍ଦ୍ରିକ ହେବା ଆବଶ୍ୟକ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରତ୍ୟେକ ଯୋଗ୍ୟ ନାଗରିକ ଅନ୍ତର୍ଭୁକ୍ତ ହେବାର ନିଶ୍ଚିତତା ରହିବା ଦରକାର । ନିର୍ବାଚନ କମିଶନ ସ୍ୱଚ୍ଛ ଓ ଦୃଢ଼ ପଦକ୍ଷେପ ନେଲେ ହିଁ ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିଶ୍ୱାସ ସୁଦୃଢ଼ ହୋଇପାରିବ ।

ବର୍ତ୍ତମାନ ଏସ୍ଆଇଆର୍‌କୁ ନେଇ ବିବାଦ ଲାଗିରହିଛି । ଉଚ୍ଚତମ ନ୍ୟାୟାଳୟରେ ଏହି ପ୍ରକ୍ରିୟାକୁ ବନ୍ଦ କରିବା ପାଇଁ ଆବେଦନ କରାଯାଇଛି । ତେବେ ସାମ୍ବିଧାନ ଅନୁଯାୟୀ ନିର୍ବାଚନ କମିଶନଙ୍କ କ୍ଷମତାକୁ ସ୍ୱୀକୃତି ଦେଇ ଉଚ୍ଚତମ ନ୍ୟାୟାଳୟ ଏସ୍ଆଇଆର୍ ପ୍ରକ୍ରିୟା ଜାରି ରଖିବାକୁ ଅନୁମତି ଦେଇଛନ୍ତି । ପ୍ରଥମେ, ଯେଉଁ ରାଜ୍ୟଗୁଡ଼ିକରେ ଏସ୍ଆଇଆର୍ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇସାରିଛି, ସେହି ରାଜ୍ୟଗୁଡ଼ିକରେ ବହୁ ସଂଖ୍ୟକ ଭୋଟର୍ ତାଲିକାରୁ ବାଦ୍ ପଡ଼ିଥିବାରୁ କେବଳ ବିରୋଧୀ ଦଳ ନୁହେଁ ସାଧାରଣ ଜନତା ମଧ୍ୟ ସମାଲୋଚନା କରୁଛନ୍ତି । ସେହିପରି ଆବେଦନ ଏବଂ ବିଚାର ପ୍ରକ୍ରିୟା କଠିନ ହୋଇଥିବାରୁ ଏହାକୁ କଡ଼ା ସମାଲୋଚାନା କରାଯାଉଛି । ବିରୋଧୀ ଦଳ ତଥା ବିଭିନ୍ନ ବର୍ଗର ଲୋକେ ଯୁକ୍ତି ବାଢ଼ିଛନ୍ତି ଯେ, ଏହା କେବଳ କିଛି ଭୋଟରଙ୍କୁ ନିର୍ବାଚନ ତାଲିକାରୁ ହଟାଇବା ପାଇଁ ପରିକଳ୍ପନା କରାଯାଇଛି । ସେହିପରି ପରିଚୟ ପତ୍ର ଓ ଭୋଟରଙ୍କ ବଂଶ ପରିଚୟ ମଧ୍ୟ ବିବାଦର ଅନ୍ୟତମ କାରଣ ପାଲଟିଛି । କାରଣ ଲୋକଙ୍କ ପାଇଁ ଅତିରିକ୍ତ ପରିଚୟ ପତ୍ର ଆଣିବା କଷ୍ଟକର ହେଉଛି । ଭୋଟର୍ ତାଲିକାରୁ ବାଦ୍ ପଡ଼ିଥିବା ବ୍ୟକ୍ତିମାନେ ସରକାରୀ କଲ୍ୟାଣକାରୀ ଯୋଜନା ଏବଂ ଏନ୍ଆର୍‌ସି ପ୍ରକ୍ରିୟାରୁ ବଞ୍ଚିତ ହେବାର ଭୟ ଅଛି । ଏହି ପ୍ରକ୍ରିୟାରେ ସର୍ବାଧିକ ପ୍ରଭାବିତ ହେବେ ସମାଜର ନିମ୍ନବର୍ଗ ଏବଂ ସାମାଜିକ ଓ ଅର୍ଥନୈତିକ ଅନଗ୍ରସର ବ୍ୟକ୍ତିମାନେ । ସେଭଳି ଏହାର କାର୍ଯ୍ୟକାରିତାକୁ ନେଇ ନିର୍ବାଚନ କମିଶନ ସଦସ୍ୟମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ମତଭେଦ ରହିଛି । ନିର୍ବାଚନ କମିଶନ ଏହାକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିଥିବା ବେଳେ ବିରୋଧୀ ଦଳ ନେତା, ସାଧାରଣ ନାଗରିକ ଆଉ ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କ ମନରେ ଏସ୍ଆଇଆର୍‌ର ସମଗ୍ର ପ୍ରକ୍ରିୟାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି । ■






ଏସୋସିଏଟ୍ ପ୍ରଫେସର
ଜି. ବି. ପନ୍ଥ ଇନ୍‌ଷ୍ଟିଚ୍ୟୁସନ୍ (ଏହ୍ଲାବାଦ ବିଶ୍ୱବିଦ୍ୟାଳୟ),
ପ୍ରୟାଗରାଜ, ଉତ୍ତର ପ୍ରଦେଶ,
ମୋ: ୯୪୦୨୬୭୫୯୫୯



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର

## ମୁଣ୍ଡ ଖରାପ ନା ତୁଣ୍ଡ ଖରାପ !



ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ସାରା ଦେଶ ଦୀପମୟ ହେଲା । ପଦ୍ମ ଦଳର ନେତାଙ୍କ ଆହ୍ୱାନରେ ଦଳୀୟ କର୍ମୀ ଓ ଅନୁଗତମାନେ ଦୀପ ଜାଳିଲେ; ପ୍ରଧାନମନ୍ତ୍ରୀଙ୍କୁ ଶ୍ରଦ୍ଧା ଓ ସମ୍ମାନ କରୁଥିବା ଲୋକମାନେ ସ୍ୱେଚ୍ଛାରେ ଦୀପ ଜାଳି ପ୍ରଧାନମନ୍ତ୍ରୀଙ୍କ ସୁସ୍ୱାସ୍ଥ୍ୟ କାମନା କଲେ । ମାତ୍ର ଯେଉଁମାନେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଦୀପ ନ ଜାଳିବେ ସେମାନେ ଦେଶ ଛାଡ଼ି ଚାଲି ଯାଆନ୍ତୁ ବୋଲି ପୃଥ୍ୱୀରାଜ ବାବୁ କହିଥିବା କଥାଟି କାହାରି ମନକୁ ପାଇଲା ନାହିଁ । ଏପରିକି ତାଙ୍କ ନିକଟରେ ଜୀ-ହଜୁର କରୁଥିବା ପଦ୍ମ ଦଳର ଅନେକ କୁଜି ନେତା ବି ହରିଚନ୍ଦନବାବୁଙ୍କ କଥାକୁ ହୃଦୟରୁ ସମର୍ଥନ କରିବାକୁ କୁଣ୍ଠିତ ହେଲେ । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳନ ତାଙ୍କ ଦଳ ଓ ସରକାର ପାଇଁ ହୁଏତ ଗୁରୁତ୍ୱପୂର୍ଣ୍ଣ ହୋଇପାରେ; ମାତ୍ର ପ୍ରଧାନମନ୍ତ୍ରୀଙ୍କୁ ଭଲ ପାଇବା କିମ୍ବା ତାଙ୍କପ୍ରତି ଅନୁରକ୍ତି ପ୍ରକାଶ କରିବା ପାଇଁ ଦୀପଦାନ ନ କଲେ ଦେଶ ଛାଡ଼ି ପଳାଇବା କଥା କହିବାଟି କେଉଁ ନ୍ୟାୟର କଥା ? ସ୍ନେହ, ଶ୍ରଦ୍ଧା, ସମ୍ମାନ, ଭଲ ପାଇବା ଠାରୁ ଚାଟୁକାରିତା ହେଉଛି ସମ୍ପୂର୍ଣ୍ଣ ଭିନ୍ନ । ରାଜନୀତିରେ ଆନୁଗତ୍ୟ ଦେଖାଇବାର ଭିନ୍ନଭିନ୍ନ ତରିକା ରହିଛି । ମାତ୍ର ଚାଟୁକାରିତା କରି କେହି କେବେ ନିଜକୁ ଅତ୍ୟନ୍ତ ଅନୁଗତ ବୋଲି ପ୍ରମାଣିତ କରି ପାରିନାହିଁ । ପୌରାଣିକ କାଳରୁ ଆଜି ପର୍ଯ୍ୟନ୍ତ ଏହାର ଅନେକ ଉଦାହରଣ ରହିଛି । ପ୍ରଧାନମନ୍ତ୍ରୀଙ୍କ କାନରେ ଯଦି ବି ପୃଥ୍ୱୀରାଜବାବୁ କହିଥିବା କଥା ପଡ଼ିଥାଆନ୍ତା, ସେ ଏପରି ଅତିଭକ୍ତିକୁ ପସନ୍ଦ କରିଥାଆନ୍ତେ କି ନାହିଁ ସନ୍ଦେହ । ଯେଉଁଠି ପଞ୍ଚାୟତ ଗୃହ ନିର୍ମାଣ ଶୁଭ ଦେବା ପାଇଁ ଜଣେ ସାଧାରଣ ସରପଞ୍ଚ ସହ ପ୍ରତିଯୋଗିତା କରାଯାଉଛି; ସେଠାରେ ପୃଥ୍ୱୀରାଜବାବୁ ଅତି ଉତ୍ସାହରେ କହୁ କହୁ ଏ କଥା କହିଥିବେ ବୋଲି କିଏ ବିଶ୍ୱାସ କରିବ? ତେଣୁ ବାବୁଙ୍କ ମୁଣ୍ଡ ଖରାପ ନା ତୁଣ୍ଡ ଖରାପ, ସେ କଥା ତାଙ୍କ ଦଳ ଲୋକ ବୁଝିପାରୁ ନାହାନ୍ତି ।

## ଏମ୍‌ଏମ୍‌ଡ଼ିଆର ନିଦ ବଟିକା



ପିଲାଙ୍କ ପଢ଼ା ବହିରେ ଭୁଲ ଗୋଟିଏ କି ଦୁଇଟି ନୁହେଁ; କେହିକେହି ଏହି ସଂଖ୍ୟା ୧,୬୭୮ ବୋଲି କହୁଛନ୍ତି ତ କେହି କହୁଛନ୍ତି ଭୁଲ ସଂଖ୍ୟା ୨୬୦୦ରୁ ଅଧିକ । ଯାକୁ ନେଇ ଛାତ୍ରଙ୍କ ମୁଣ୍ଡ ଘୂରୁଛି, ଶିକ୍ଷକଙ୍କ ଶିରପୀଡ଼ା ହୋଇଛି ଓ ଅଭିଭାବକଙ୍କ ଚିନ୍ତା ବଢ଼ିଛି । ବହି ଛପା ପାଇଁ ରାଜକୋଷରୁ କୁଆଡ଼େ ସରକାର ପାଖାପାଖି ୩୮୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଅର୍ଥ ଅପବ୍ୟୟ ସାଙ୍ଗକୁ ପିଲାଙ୍କୁ ମୂର୍ଖ କରିବା ଯୋଜନା ପଛରେ ଷଡ଼ଯନ୍ତ୍ର ହୋଇଥିବା ସରକାର ମାନୁଛନ୍ତି । ଘଟଣାର ତଦନ୍ତ ହୋଇଛି ଓ କିଛି ଅଧିକାରୀ ଜେଲ ଯାଇଛନ୍ତି । ଆଉ କିଛି ଅଧିକାରୀଙ୍କ ବିରୋଧରେ ବି କାର୍ଯ୍ୟାନୁଷ୍ଠାନ ହୋଇଛି । ଜୁନ୍‌ରୁ ଆରମ୍ଭ ହୋଇଥିବା ଏହି ବହି-ବିବାଦ ଏ ପର୍ଯ୍ୟନ୍ତ ବି ଥମି ନାହିଁ । ବିରୋଧୀ ଦଳ ବିଧାନସଭାଠାରୁ ସଡ଼କ ପର୍ଯ୍ୟନ୍ତ ଗର୍ଜୁଛନ୍ତି ଓ ମନ୍ତ୍ରୀ ଗଣ୍ଡବାବୁଙ୍କ ଇସ୍ତଫା ଦାବି କରିଛନ୍ତି । ଛାତ୍ର ସଂଗଠନ ରାଜରାସ୍ତାକୁ ଓହ୍ଲାଇଲେ; ରାଜ୍ୟ ବନ୍ଦ ଡାକରା ବି ଦିଆଗଲା । ଏହାକୁ ଦେଖିଲେ ଗଣଶିକ୍ଷା ମନ୍ତ୍ରୀ ଗଣ୍ଡବାବୁଙ୍କ ନିଦ ହଜିଯିବା କଥା; ମାତ୍ର କେନ୍ଦ୍ର ସରକାରଙ୍କ ସଂଶୋଧିତ ଖଣି ଆଇନ ଏମ୍‌ଏମ୍‌ଡ଼ିଆର୍ ଗଣ୍ଡବାବୁଙ୍କ ପାଇଁ ନିଦ ବଟିକା ହୋଇଛି । ଖଣି ଆଇନକୁ ନେଇ ରାଜ୍ୟରେ ସୃଷ୍ଟି ହୋଇଥିବା ଝଡ଼ ଭିତରେ ଅନେକ ପଢ଼ା ବହି ତ୍ରୁଟି ଓ ରାଜ୍ୟ ରାଜକୋଷରୁ ୩୮୦ କୋଟି ହରିଲୁଟ ଘଟଣାକୁ ପ୍ରାୟ ଅନେକ ଭୂଲି ଯାଇଛନ୍ତି । ରାଜରାସ୍ତାରୁ ଆରମ୍ଭ କରି ଗଣମାଧ୍ୟମ ପର୍ଯ୍ୟନ୍ତ ସବୁଠି ଏବେ ନୂଆ ଖଣି ଆଇନରେ ରାଜ୍ୟର କ୍ଷତି କଥା ବାଜୁଛି । ବହିରେ ଭୁଲ କଥା ସମସ୍ତେ ପାଶୋରି ଯାଇଛନ୍ତି ଓ ଲକ୍ଷାଧିକ କୋଟି ଟଙ୍କା ଖଣି ବକେୟାକୁ ନେଇ ଏବେ ସମସ୍ତେ ଗର୍ଜୁଛନ୍ତି । ଯାହାକୁ ନେଇ ମନ୍ତ୍ରୀ ଓ ଗଣଶିକ୍ଷା ବିଭାଗ ଟିକିଏ ଆଶ୍ୱସ୍ତ ହେବା ବେଳକୁ ପିଏମ୍‌ଓ ଚିଠି ସବୁ ନିଦକୁ ହଜାଇ ଦେଇଛି ।

## ମିଛୁଆ କରିଦେଲେ ପାତ୍ରେ



ନାଟ୍ୟଶାସ୍ତ୍ରରେ ସ୍ଥାନ-କାଳ-ପାତ୍ର ସହ ଆଉ ଯେଉଁ କଥାଟିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଏ; ତାହା ହେଉଛି ପାତ୍ରୋଚିତ୍ ଭାଷା । ଅର୍ଥାତ୍ ନାଟକରେ ପ୍ରତ୍ୟେକ ଅଭିନେତାଙ୍କ ସଂଳାପର ଶବ୍ଦ ବି ଉଚିତ୍ ଭାବରେ ସ୍ଥାନୀତ ହେବା ସର୍ବାଦୌ ଆବଶ୍ୟକ ବୋଲି ନାଟ ଶାସ୍ତ୍ରର ପ୍ରଣେତା ଭରତ ମୁନି କହିଛନ୍ତି । ରାଜନୀତିରେ ମଧ୍ୟ ପାତ୍ରୋଚିତ୍ ଶବ୍ଦର ଗୁରୁତ୍ୱ ଅନେକ । ରାଜନୀତିର ଭାଷା, ଅଦାଲତର ଭାଷା, ସାମ୍ବାଦିକ ସମ୍ମିଳନୀର ଭାଷା ଓ ଦଳୀୟ ମଞ୍ଚର ଭାଷା ପରସ୍ପରଠାରୁ ସମ୍ପୂର୍ଣ୍ଣ ଅଲଗା । ଏ ସବୁକୁ ଗୋଟିଏ ତରାଜୁରେ ତଉଲିଲେ ଗଡ଼ବଡ଼ ହେବା ଥୟ । ପଦ୍ମ ଦଳର ଜାତୀୟ ତୁଣ୍ଡ ଅତିଉତ୍ସାହୀ ସମ୍ବିତ ପାତ୍ର ମହାଶୟ ସମ୍ଭବତଃ ଏହି ସାଧାରଣ କଥାଟିକୁ ଭୁଲି ଯାଇଛନ୍ତି । ଅନେକ ଦିନ ତଳେ ପାତ୍ର ମହାଶୟ ମହାପ୍ରଭୁ ଜଗନ୍ନାଥଙ୍କୁ ଭଗବାନ ବଦଳରେ ଭକ୍ତ କରି ଦେଇଥିଲେ; ଆଉ ଏବେ ସଂଶୋଧିତ ଖଣି ଆଇନ ପ୍ରସଙ୍ଗରେ ନିଜ ସରକାରଙ୍କ ଆଡ଼ଭୋକେଟ୍ ଜେନେରାଲ ବାବୁ ପୀତାମ୍ବରଙ୍କୁ ବି ମିଛୁଆ କରିଦେଲେ । ଓଡ଼ିଶା ଆଡ଼ଭୋକେଟ୍ ଜେନେରାଲ ରାଜ୍ୟ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଲକ୍ଷେ କୋଟି ବକେୟା ପାଇଁ ଯୁକ୍ତି କରିଥିବା ରାଜ୍ୟବାସୀ ସାମାଜିକ ଗଣମାଧ୍ୟମ ସୌଜନ୍ୟରୁ ଦେଖିବାକୁ ପାଇଛନ୍ତି । ରାଜ୍ୟର ବିକାଶମୂଳକ କାମ ପାଇଁ ଏହି ଅର୍ଥର ଆବଶ୍ୟକତା ସମ୍ପର୍କରେ ପୀତାମ୍ବର ମହାଶୟ ଅନେକ ଯୁକ୍ତି ଉପସ୍ଥାପନ କରିଛନ୍ତି । ମାତ୍ର ଏବେ ସାଂସଦ ପାତ୍ର ମହାଶୟ କହୁଛନ୍ତି ଏହି ଅର୍ଥ ଉପରେ ଓଡ଼ିଶାର ଦାବି ଅଯୌକ୍ତିକ । ଯଦି ପାତ୍ରବାବୁଙ୍କ କଥା ଠିକ୍ ଓ ଏହି ବକେୟା ଦାବିର କୌଣସି ଆଧାର ନାହିଁ, ତେବେ ଓଡ଼ିଶା ସରକାର କାହିଁକି ସୁପ୍ରିମକୋର୍ଟରେ ଲଢ଼ିବାକୁ ଏଜିଙ୍କୁ ପଠାଇଥିଲେ? ଏ କଥାଟା ଟିକେ ପାତ୍ରବାବୁ ସ୍ପଷ୍ଟ କରିଦେଲେ ହୁଅନ୍ତା ନାହିଁ ?

## ଖାକିରେ ଗୋହି ଖୋଲାଖୋଲି



ଖାକି ପୋଷାକଟି ଖାଲି ଆଇନ ନୁହେଁ; ଶୃଙ୍ଖଳାର ପ୍ରତୀକ ବୋଲି ଅନେକ ଭାବନ୍ତି । ଖାକି ପିନ୍ଧିଲେ ଲୋକ କାଳେ ଶୃଙ୍ଖଳିତ ହୋଇଯାଏ ଓ ଅସାମାଜିକ ଲୋକଙ୍କ ମନରେ ଡ଼ର ଆସେ । ମାତ୍ର ଓଡ଼ିଶାରେ କୁଆଡ଼େ ଓଲଟା ପବନ ବହୁଛି; ଖାକି ବିଶୃଙ୍ଖଳିତ ହୋଇଛି ଓ ଅସାମାଜିକ ଲୋକେ ଆଉ ଖାକିକୁ ଦେଖି ଡ଼ରୁ ନାହାନ୍ତି । ନିଆଁ ହୋଇ ଖାକି ବାହିନୀ ଆଇନଶୃଙ୍ଖଳାକୁ ଆଲୋକିତ କରିବା ପରିବର୍ତ୍ତେ କୁଜି ନେତା ଓ ଅସାମାଜିକଙ୍କ ପାଖରେ ଅଗରବତୀ ପାଲଟି ଯାଇଥିବା ଲୋକମାନେ ଅନୁଭବ କରୁଛନ୍ତି । ଚୌଦ୍ୱାର ଜେଲ ଭିତରୁ ଦୁଇ ହତ୍ୟା ଅଭିଯୁକ୍ତ ଫେରାର ହେବା ଘଟଣାଠାରୁ ପୁଲିସ ସବ୍‌ଇନ୍ସପେକ୍ଟର ପରୀକ୍ଷା ଜାଲିଆତି ପଛରେ ଖାକି ସମ୍ପୃକ୍ତି ଥିବା ଅଭିଯୋଗ ହେଉଛି । ଏହାରି ଭିତରେ ଡିଜି ପଦକୁ ନେଇ ମାମଲା ଖାକିରେ ଚାଲିଥିବା ବିଭେଦର ଗୁମର ଖୋଲି ଦେଇଛି । ବାବୁ ସୁଶାନ୍ତଙ୍କ ଚେର କାଟିବାକୁ ତାଙ୍କ ଇଣ୍ଟିଗ୍ରିଟି ପ୍ରମାଣପତ୍ର ଫେରସ୍ତ ପ୍ରସଙ୍ଗ କିଛି ଖାକିବାବୁ କରିଥିବା ମସୁଧା ପୁରା ଖାକିବାହିନୀ ପାଇଁ ମହଙ୍ଗା ପଡ଼ିଛି । ନିଜ ମହକିଲଙ୍କ ଉପରେ କୁରାଢ଼ୀ ପଡ଼ିବା ଦେଖି ସୁଶାନ୍ତଙ୍କ ଓକିଲ ଚୁପ୍ କାହିଁକି ରହନ୍ତେ ? ସୁପ୍ରିମକୋର୍ଟରେ ସିଏ ଦାଖଲ କରିଥିବା ହଲପନାମା ପୁରୁଣା ଫାଇଲ ଭିତରେ ଚାପି ହୋଇ ଯାଇଥିବା ପଣ୍ଡାବାବୁ ଆଉ କୋଚେବାବୁଙ୍କ ଗୁମର ଖୋଲି ଦେଇଛି । ପ୍ରାୟ ବାର ବର୍ଷ ତଳେ ଏକ ଚିଟ୍‌ଫଣ୍ଡ ମାମଲାରେ ସିବିଆଇ କୁଆଡ଼େ ଏହି ଦୁଇ ବାବୁଙ୍କୁ କୁଆଡ଼େ ସିବିଆଇ ଜେରା କରିଥିବା ହଲପନାମାରେ କୁହାଯାଇଛି । ପୁଲିସ ପରୀକ୍ଷା ମାମଲାରେ ଓପିଆର୍‌ବି ମୁଖ୍ୟ ଭାବରେ ସିବିଆଇ ଜେରା ଆଶଙ୍କାରେ ଯଦି ନାଥବାବୁ ଡିଜି ପଦ ପାଇଁ ଅଯୋଗ୍ୟ; ତେବେ ଚିଟ୍‌ଫଣ୍ଡ ମାମଲାରେ ଜେରା ହୋଇଥିବା ପଣ୍ଡାବାବୁ ଓ କୋଚେବାବୁ କିପରି ଡିଜି ପଦ ପାଇଁ ଯୋଗ୍ୟ ହେବେ ?

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।






ଲଳିତେନ୍ଦୁ ପଲାଉରୀ

# ବିଶ୍ୱସନୀୟତା ସଂକଟରେ ସିଇସି !

ବିଶ୍ୱର ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର ଭାରତର ସବୁଠାରୁ ବିଶ୍ୱସ୍ତ ଓ ସାର୍ବଜନୀନ ସାମ୍ବିଧାନିକ ପ୍ରତିଷ୍ଠାନ ମଧ୍ୟରୁ ଗୋଟିଏ ହେଉଛି ଭାରତୀୟ ନିର୍ବାଚନ ଆୟୋଗ ବା ଇସିଆଇ । ଗଣତାନ୍ତ୍ରିକ ଭାରତ ବର୍ଷରେ ଅବାଧ ଓ ନିରପେକ୍ଷ ନିର୍ବାଚନ କରାଇବା, ନିର୍ବାଚନ ପଦ୍ଧତିରେ ସଂଶୋଧନ ଓ ସଂସ୍କାର ଭାରତୀୟ ନିର୍ବାଚନ କମିଶନଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ । ଏହି ସାମ୍ବିଧାନିକ ସଂସ୍ଥା ସମ୍ପୂର୍ଣ୍ଣ ବାହ୍ୟ ଚାପରୁ ଊର୍ଦ୍ଧ୍ୱରେ । ତେବେ ନିକଟରେ ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଭୂମିକାକୁ ନେଇ ଛିଡ଼ା ହୋଇଛି ବିବାଦ । ଜ୍ଞାନେଶଙ୍କ ଇସ୍ତଫା ଦାବି କରିଛନ୍ତି ବିରୋଧୀ । ମୁଖ୍ୟ ନିର୍ବାଚନ କମିଶନ ତାଙ୍କର ଅନ୍ୟ ଦୁଇ ସହଯୋଗୀ କମିଶନରଙ୍କ ପରାମର୍ଶକୁ ଶୁଣୁ ନଥିବା, ଗୁରୁତ୍ୱ ଦେଉନଥିବା ଜାଣିଶୁଣି ଅଣଦେଖା କରୁଥିବା ଅଭିଯୋଗ ପରେ ଉପୁଜିଛି ବିବାଦ । ବିଶେଷ କରି ଦେଶରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ମୁଖ୍ୟ କମିଶନଙ୍କ କାର୍ଯ୍ୟ ନେଇ ଉଠିଛି ବିବାଦ । ମୁଖ୍ୟ ନିର୍ବାଚନ କମିଶନଙ୍କ ସହ କାର୍ଯ୍ୟ କରୁଥିବା ତାଙ୍କର ଅନ୍ୟ ୨ ସହଯୋଗୀ କମିଶନଙ୍କ ଅଭିଯୋଗକୁ ଆଧାର କରି ଦେଶର ଏକ ପ୍ରତିଷ୍ଠିତ ଖବରକାଗଜ ରିପୋର୍ଟ ପ୍ରକାଶ ପରେ ବିରୋଧୀ ଏହାକୁ ବଡ଼ ପ୍ରସଙ୍ଗ କରିଛନ୍ତି । ୩ କମିଶନଙ୍କ ମଧ୍ୟରେ ସବୁକିଛି ଠିକ୍ ଚାଲିଛି ନା ରହିଛି ମତଭେଦ ତାକୁ ନେଇ ଦେଶରେ ହୋଇଛି ତମ୍ବି ତୋଫାନ । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନଶ କୁମାର ତାଙ୍କର ଦୁଇ କମିଶନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀଙ୍କ ଅନୁମୋଦନକୁ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି । ଏହି ଦୁଇ କମିଶନ ଗତ ୧୦ ମାସରେ ୧୪ଟି ଅଭିଯୋଗ ଆଣିଥିବା ବେଳେ ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାର ଏହି ରିପୋର୍ଟ ଗୁଡ଼ିକକୁ ଖାରଜ କରି ଦେଇଛନ୍ତି ,କିମ୍ବା ଏହାକୁ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ଉକ୍ତ ଗଣମାଧ୍ୟମ ତା'ର ରିପୋର୍ଟରେ ଦର୍ଶାଇଥିଲା ନିର୍ବାଚନ କମିଶଙ୍କ ସଦସ୍ୟ ସୁଖବୀର ସିଂହ ସାନ୍ଧୁ ଅଗଷ୍ଟ ମାସରେ ଏକ ଫାଇଲରେ ରେକର୍ଡ କରିଥିଲେ ଯେ ଫର୍ମ ୬ ରେ ପରିବର୍ତ୍ତନ ମାନେ (ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ) "ଅନଧିକୃତ ଏବଂ ବେଆଇନ" । ଏହାକୁ ତୁରନ୍ତ ହଟାଇ ଦିଆଯିବା ଉଚିତ । ୨୦୧୮ରେ ସିଇସି ଭାବରେ କାର୍ଯ୍ୟ କରିଥିବା ଓପି ରାୱତ ଫର୍ମ ୬ରେ ପରିବର୍ତ୍ତନକୁ "ସମ୍ପୂର୍ଣ୍ଣ ଭୁଲ ଏବଂ ବେଆଇନ" ବୋଲି ମଧ୍ୟ ବର୍ଣ୍ଣନା କରିଥିଲେ । ଏହାକୁ ସେ "ଫ୍ରାଙ୍କେନଷ୍ଟାଇନ ବା ଯାହା ଭୋଟରଙ୍କ ମନରେ ଭୟ ସୃଷ୍ଟି ବୋଲି ବର୍ଣ୍ଣନା କରିଥିଲେ । ଏଭଳି ରିପୋର୍ଟ ଉକ୍ତ ଖବର କାଗଜରେ ପ୍ରକାଶ ପରେ ବିରୋଧୀ ଦଳ ଏଥିପାଇଁ ମୁଖ୍ୟ ନିର୍ବାଚନ କମିଶନଙ୍କୁ ଶାସକ ଦଳର ଇଙ୍ଗିତରେ କାମ କରୁଥିବା ଅଭିଯୋଗ କରିଛନ୍ତି । ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଦେଶର ୨୧ରୁ ଅଧିକ ରାଜ୍ୟରେ ବିକ୍ଷୋଭ ଜୋରଦାର କରିଛନ୍ତି ବିରୋଧୀ । ଦେଶରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସମ୍ପର୍କ ନିଷ୍ପତ୍ତି ହେଉ କିମ୍ବା ଦେଶର ନିର୍ବାଚନ ସଂପର୍କିତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି, ଭୋଟର ତାଲିକା, ଭୋଟରଙ୍କ ନାଁ ଯୋଡ଼ିବା, ହଟାଇବା ଭଳି ପ୍ରସଙ୍ଗ ୩ କମିଶନ ସର୍ବସମ୍ମତି ନଥିବା ଅଭିଯୋଗ ଆଣିଛନ୍ତି ବିରୋଧୀ । ଦୁଇ କମିଶନଙ୍କ ପରାମର୍ଶକୁ ଜାଣିଶୁଣି ମୁଖ୍ୟନିର୍ବାଚନ କମିଶନ ଅଣଦେଖା କରୁଥିବା ଓ ଏକୁଟିଆ ନିଷ୍ପତ୍ତି ନେଇଥିବା ଅଭିଯୋଗ କରି ସିଇସିଙ୍କ ଇସ୍ତଫା ଦାବି ଜୋରଦାର ହୋଇଛି ।

### ନିର୍ବାଚନ କମିଶନଙ୍କ ସ୍ପଷ୍ଟୀକରଣ




ଭାରତୀୟ ନିର୍ବାଚନ କମିଶନ ବ୍ୟବସ୍ଥାରେ ମତଭେଦ, ଉକ୍ତ ଖବର କାଗଜରେ ରିପୋର୍ଟ ଏବଂ ବିରୋଧୀ ନେତାଙ୍କ ବୟାନର କିଛି ଘଣ୍ଟା ମଧ୍ୟରେ ନିର୍ବାଚନ କମିଶନ ଏହାର କାର୍ଯ୍ୟଶୈଳୀକୁ ନେଇ ବିବୃତ୍ତି ପ୍ରକାଶ କରିଥିଲେ । ଦେଶରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର୍) ସମ୍ପର୍କ ନିଷ୍ପତ୍ତି ହେଉ କିମ୍ବା ଦେଶର ନିର୍ବାଚନ ସଂପର୍କିତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ୩ କମିଶନ ସର୍ବସମ୍ମତିରେ ହିଁ ନିଆଯାଇଛି ବୋଲି ସ୍ପଷ୍ଟୀକରଣ ଦେଇଛି ଭାରତୀୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ । ମୁଖ୍ୟ ନିର୍ବାଚନ କମିଶନ କହିଛନ୍ତି ଏସ୍‌ଆଇଆର୍ ସମ୍ବନ୍ଧୀୟ ସମସ୍ତ ନିଷ୍ପତ୍ତି ୩ କମିଶନଙ୍କ ମତ ଆଧାରରେ ହିଁ ହୋଇଛି । କମିଶନଙ୍କ ମଧ୍ୟରେ କୌଣସି ମତଭେଦ ନାହିଁ । ଇସିଆଇର ତାଙ୍କର ଆଭ୍ୟନ୍ତରୀଣ ଆଲୋଚନାକୁ ସ୍ପଷ୍ଟ କରି କହିଛନ୍ତି ଯେ, ୩ ନିର୍ବାଚନ କମିଶନଙ୍କ ମଧ୍ୟରେ ଡ୍ରାଫ୍ଟ ପର୍ଯ୍ୟାୟରେ ଭିନ୍ନ ମତ ଏବଂ ପରାମର୍ଶ ସାଧାରଣ ଆଲୋଚନାର ଅଂଶ । ଦେଶରେ ଏସ୍‌ଆଇଆର୍ ଭଳି ନିର୍ବାଚନ ତାଲିକା ସଂଶୋଧନ ସମେତ ସମସ୍ତ ପ୍ରମୁଖ ନିଷ୍ପତ୍ତି ବର୍ତ୍ତମାନ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ଦୁଇ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀଙ୍କ ଅନୁମୋଦନରେ ହିଁ ନିଆଯାଇଛି ।

### ଭାରତୀୟ ନିର୍ବାଚନ କମିଶନ ଓ ବିବାଦର ଇତିହାସ

ଭାରତୀୟ ନିର୍ବାଚନ କମିଶନ ପୂର୍ବରୁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି । ସବୁଠାରୁ ଉଲ୍ଲେଖନୀୟ ଚ୍ୟାଲେଞ୍ଜ ୧୯୯୦ରୁ ୧୯୯୬ ମସିହାରେ ହୋଇଥିଲା । ସେତେବେଳେ ଦେଶରେ ନିର୍ବାଚନ କମିଶନ ହୋଇଥିଲେ ଟିଏନ୍ ଶେଷାନ । ତାମିଲନାଡୁରେ କଡ଼ା ନିର୍ବାଚନ ଆରରଣବିଧି ଲଗାଇ ଚର୍ଚ୍ଚାକୁ ଆସିଥିଲେ ଶେଷାନ । ନିର୍ବାଚନ ଆଚରଣବିଧି ଉଲ୍ଲଘଂନ ଅଭିଯୋଗରେ ଟିଏନ୍ ଶେଷାନ ତାମିନଲାଡୁର ରାନିପେଟ ବା ଆନିପେଟ ବିଧାନସଭା କ୍ଷେତ୍ରର ନିର୍ବାଚନ ବାତିଲ କରି ଦେଇଥିଲେ । ଏହାସହ ଶେଷନଙ୍କ କାର୍ଯ୍ୟକାଳ ସମୟରେ ନରସିଂହ ରାଓ ସରକାରଙ୍କ ଦ୍ୱାରା ଦୁଇ ନିର୍ବାଚନ କମିଶନର ଏମ୍‌ଏସ୍ ଗିଲ ଏବଂ ଜିଭିଜି କୃଷ୍ଣମୂର୍ତ୍ତିଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜ କରାଯାଇଥିଲା । କାରଣ ନିର୍ବାଚନ କମିଶନ ସେ ପର୍ଯ୍ୟନ୍ତ ଏକକ ସଦସ୍ୟ ସଂସ୍ଥା ଭାବରେ କାର୍ଯ୍ୟ କରୁଥିଲେ । ଏହି ବିବାଦ ସୁପ୍ରିମ କୋର୍ଟରେ ପହଞ୍ଚିଥିଲା । ୨୦୦୯ ମସିହାରେ ଏନ୍. ଗୋପାଳସ୍ୱାମୀ ମୁଖ୍ୟ ନିର୍ବାଚନ କମିଶନର ଭାବରେ କାର୍ଯ୍ୟକାଳ ମଧ୍ୟରେ ଆଉ ଏକ ବିବାଦ ସୃଷ୍ଟି ହୋଇଥିଲା । ସେ ନବୀନ ଚାୱଲାଙ୍କୁ ନିର୍ବାଚନ କମିଶନର ପଦରୁ ବହିଷ୍କାର କରିବାକୁ ସୁପାରିଶ କରିଥିଲେ । ତାଙ୍କ ଉପରେ ପକ୍ଷପାତିତାପୂର୍ଣ୍ଣ କାର୍ଯ୍ୟ ଅଭିଯୋଗ ଆଣିଥିଲେ । ତଥାପି, ସରକାର ଏହି ସୁପାରିଶକୁ ପ୍ରତ୍ୟାଖ୍ୟାନ କରିଥିଲେ । ନବୀନ ଚାୱଲା ମୁଖ୍ୟ ନିର୍ବାଚନ କମିଶନର ଭାବରେ ଗୋପାଳସ୍ୱାମୀଙ୍କ ସ୍ଥାନ ନେଇଥିଲେ । ନିର୍ବାଚନ କମିଶନ ୨୦୧୯ ଏବଂ ୨୦୨୪ ମସିହାରେ ଅସହମତିର ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଯେତେବେଳେ ଅଶୋକ ଲାଭାସା ଏବଂ ଅରୁଣ ଗୋଏଲ ନିର୍ବାଚନ କମିଶନର ଥିଲେ ।

### ସିଇସିଙ୍କୁ ନେଇ ବିରୋଧୀଙ୍କ ପ୍ରତିକ୍ରିୟା

ଦେଶର ନିର୍ବାଚନ କମିଶନଙ୍କ ମଧ୍ୟରେ ତାଳମେଳ ନଥିବା ରିପୋର୍ଟକୁ ନେଇ କଂଗ୍ରେସ ସିଇସିଙ୍କୁ ସରକାରୀ ଦଳର ହାତ ବାରିସି କହିଛି । ଭୋଟ ଚୋରି ଅଭିଯୋଗ ଆଣିଛି । କକ୍ରୋଚ୍ ଜନତା ପାର୍ଟି ଗଦ୍ଦାର ବୋଲି ଆକ୍ଷେପ କରିଛି । ଆପ୍ ନେତା ଅରବିନ୍ଦ କେଜ୍ରିୱାଲ ମଧ୍ୟ ମୁଖ୍ୟ ନିର୍ବାଚନ କମିଶନଙ୍କ ଗିରଫଦାରୀ ଦାବି କରିଛନ୍ତି । କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମୁଖ୍ୟ ନିର୍ବାଚନ କମିଶନଙ୍କୁ ଦେଶଦ୍ରୋହୀ ବୋଲି କହିଛନ୍ତି । ଦିଲ୍ଲୀରୁ କୋଲକାତା ଆଉ ପାଟନା ପର୍ଯ୍ୟନ୍ତ କଂଗ୍ରେସ କରିଛି ଆନ୍ଦୋଳନ । କଂଗ୍ରେସର ବଡ଼ ଅଭିଯୋଗ ନିର୍ବାଚନ କମିଶନରେ ଚାଲିଛି ମନମୁଖୀ କାର୍ଯ୍ୟ । ସିଇସି ପଦରୁ ଜ୍ଞାନେଶ କୁମାରଙ୍କୁ ହଟାଯାଇ ତାଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ପାଇ ଦାବି କରିଛନ୍ତି ବିରୋଧୀ । ସେହିପରି ମମତା ବାନାର୍ଜୀ, ଅଖିଳ ଯାଦବ ସିଇସି ଜ୍ଞାନେଶଙ୍କ ଗିରଫଦାରୀ ପାଇଁ ଆହ୍ୱାନ ଦେଇଛନ୍ତି ।



### ସିଇସିଙ୍କ ବହିଷ୍କାର ପାଇଁ ନିୟମ

ଭାରତୀୟ ସମ୍ବିଧାନର ଧାରା ୩୨୪(୫) ଅନୁଯାୟୀ ସିଇସିଙ୍କୁ ହଟାଯାଇ ପାରିବ । ସୁପ୍ରିମକୋର୍ଟଙ୍କ ବିଚାରପତିଙ୍କ ପରି ସମାନ ପଦ୍ଧତି ଆପଣାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ । ଏହା ୨୦୨୩ ଆଇନର ଧାରା ୧୧ (୨)ରେ ଉଲ୍ଲେଖ କରାଯାଇଛି । ସୁପ୍ରିମକୋର୍ଟଙ୍କ ବିଚାରପତିଙ୍କ ପରି ସିଇସିଙ୍କୁ ସଂସଦରେ ମହାଭିଯୋଗ ମାଧ୍ୟମରେ ହଟାଯାଇ ପାରିବ । ମହାଭିଯୋଗ ପ୍ରସ୍ତାବ ଆଗତ ଏବଂ ପାସ୍ ପାଇଁ ଭିନ୍ନ ନିୟମ ରହିଛି । ଏଥିପାଇଁ ଲୋକସଭାରେ ୧୦୦ ସାଂସଦ,ରାଜ୍ୟସଭାରେ ୫୦ ସାଂସଦଙ୍କ ସମର୍ଥନ ଆବଶ୍ୟକ । ପ୍ରସ୍ତାବ ପାସ୍ ପାଇଁ ମଧ୍ୟ ସ୍ପଷ୍ଟ ନିୟମ ରହିଛି । ଉଭୟ ଗୃହରେ ପ୍ରସ୍ତାବ ପାସ୍ ପାଇଁ ଦୁଇ-ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ । ବହିଷ୍କାର ପାଇଁ ଉଭୟ ଗୃହର ସଦସ୍ୟଙ୍କୁ ଏକ ନୋଟିସ୍ ଦେବାକୁ ହେବ । ଏଥିରେ ଖରାପ ଆଚରଣ କିମ୍ବା ଅକ୍ଷମତା ଅଭିଯୋଗ ଆସିଥିବା ଜରୁରୀ । ଅଭିଯୋଗ ଗ୍ରହଣ କରାଗଲେ ସତ୍ୟତା ପାଇଁ ତଦନ୍ତ ହେବ । ପରେ ସଂସଦରେ ଉପସ୍ଥିତ ଏବଂ ଭୋଟ ଦେଉଥିବା ସଦସ୍ୟ ମତ ରଖିବେ । ଦୁଇ -ତୃତୀୟାଂଶ ବହୁମତରେ ବହିଷ୍କାର ପ୍ରସ୍ତାବ ଗୃହୀତ ହୁଏ । ପ୍ରସ୍ତାବ ଗୃହୀତ ହେବା ପରେ ରାଷ୍ଟ୍ରପତି ସିଇସିଙ୍କୁ ବହିଷ୍କାର ପାଇଁ ନିର୍ଦ୍ଦେଶ ଦିଅନ୍ତି ।

ବାଲିପନ୍ତାଳ, ନଗର,ଅସ୍ତରଙ୍ଗ,ପୁରୀ
ମୋ: ୯୭୭୮୬୯୭୦୩୬

## କେମିତି କଟିବ ସପ୍ତାହ

**ମେଷ** – ରବିବାର ଦିନଟି ସୁଖସନ୍ତୋଷ ଭିତରେ କଟିବ । ସୋମ, ମଙ୍ଗଳ, ବୁଧବାରରେ ବ୍ୟବସାୟୀମାନେ ନୂତନ କାର୍ଯ୍ୟ ପାଇଁ ଯୋଜନା କରିବେ । ଗୁରୁ, ଶୁକ୍ରବାରରେ ପାରିବାରିକ ସହଯୋଗ ପାଇବେ । ଛାତ୍ରଛାତ୍ରୀମାନେ ଉନ୍ନତି ପଥରେ ଆଗେଇବେ । ଶନିବାରରେ କର୍ମକ୍ଷେତ୍ରରେ ବିଷମ ପରିସ୍ଥିତି ରହିବ ।

**ବୃଷ** – ରବିବାରରେ ଅର୍ଥଚିନ୍ତା ଓ କାର୍ଯ୍ୟହାନି ହୋଇପାରେ । ସୋମ, ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ସମୟ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରିବେ । ଅକସ୍ମାତ୍ ଧନଲାଭ ଯୋଗ ରହିଛି । ଗୁରୁ, ଶୁକ୍ରବାରରେ ବ୍ୟବସାୟୀମାନେ ଲାଭବାନ ହେବେ । ଶନିବାରରେ ସାଙ୍ଗସାଥୀଙ୍କ ସହ ଭ୍ରମଣ ଯୋଗ ରହିଛି ।

**ମିଥୁନ** – ରବିବାରରେ ବିଭିନ୍ନ ଉପାୟରେ ଉପାର୍ଜନ ବୃଦ୍ଧି କରିବାକୁ ଚେଷ୍ଟା କରିବେ । ସୋମ, ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ନିଷ୍ଠାପର ଭାବରେ କାର୍ଯ୍ୟ କରିବେ । ଗୁରୁ, ଶୁକ୍ରବାରରେ ଲୋକସମ୍ପର୍କ ବୃଦ୍ଧି ପାଇବ । ଶନିବାରରେ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବେ ।

**କର୍କଟ** – ରବିବାରରେ ଦୀର୍ଘ ଦିନର ଆଶା ପୂରଣ ହେବ । ସୋମ, ମଙ୍ଗଳ, ବୁଧବାରରେ ପାରିବାରିକ ତିକ୍ତତା ଦେଖାଦେଇପାରେ । ମହିଳାମାନେ ସ୍ୱାଧୀନମନା ହେବେ । ଗୁରୁ, ଶୁକ୍ରବାରରେ ଶତ୍ରୁମାନଙ୍କ କୂଟଚକ୍ରାନ୍ତରେ ପଡ଼ିଯାଇପାରନ୍ତି । ଶନିବାରରେ ଅସାବଧାନତା ଫଳରେ ଦ୍ରବ୍ୟାଦି ହାନି ହୋଇପାରେ ।

**ସିଂହ** – ରବିବାରରେ ବିଭିନ୍ନ କଠିନ ପରିସ୍ଥିତିରେ ସମ୍ମୁଖୀନ ହୋଇପାରନ୍ତି । ସୋମ, ମଙ୍ଗଳ, ବୁଧବାରରେ ଅସହାୟ ବ୍ୟକ୍ତିଙ୍କୁ ସହଯୋଗ କରି ଆତ୍ମସନ୍ତୋଷ ପାଇବେ । ଗୁରୁ, ଶୁକ୍ରବାରରେ ନକାରାତ୍ମକ ଚିନ୍ତାଧାରା ରଖି କାର୍ଯ୍ୟ କରନ୍ତୁ ନାହିଁ । ଶନିବାରରେ ମହିଳାମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ ।

**କନ୍ୟା** – ରବିବାରରେ ପାରିବାରିକ ସମସ୍ୟାର ସମାଧାନ ହେବ । ସୋମ, ମଙ୍ଗଳ, ବୁଧବାରରେ ଅତିଥିଙ୍କ ଆଗମନରେ ମନ ଉତ୍ସାହିତ ରହିବ । ଗୁରୁ, ଶୁକ୍ରବାରରେ ପରିଶ୍ରମର ଉଚିତ ଫଳ ପାଇବେ । ଜୀବନରେ ଭିନ୍ନ ମୋଡ଼ ଦେଖାଦେବ । ଶନିବାରରେ କର୍ମକ୍ଷେତ୍ରରେ ନିଜ ପ୍ରତିଭାର ପ୍ରମାଣିତ କରିବେ ।

**ତୁଳା** – ରବିବାରରେ ଆଶା ନିରାଶରେ ବଦଳିଯିବାରୁ ମାନସିକ ଅଶାନ୍ତିରେ ରହିବେ । ସୋମ, ମଙ୍ଗଳ, ବୁଧବାରରେ ଅର୍ଥାଭାବ ପରିଲକ୍ଷିତ ହୋଇପାରେ । ଗୁରୁ, ଶୁକ୍ରବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି । ଶନିବାରରେ କର୍ମକ୍ଷେତ୍ରରେ କାର୍ଯ୍ୟଭାର ଅଧିକ ରହିପାରେ ।

**ବିଛା** – ରବିବାରରେ କୌଣସି ବିଷୟକୁ ନେଇ ଚିନ୍ତାରେ ରହିବେ । ସୋମ, ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ । ଗୁରୁ, ଶୁକ୍ରବାରରେ ମହିଳାମାନେ ରକ୍ଷଣଶୀଳା ହେବେ । ଶନିବାରରେ କାର୍ଯ୍ୟରେ ମନ୍ଥରତା ଦେଖାଦେଇପାରେ ।

**ଧନୁ** – ରବିବାରରେ ପୂର୍ବ କଥାକୁ ନେଇ ଦୁଶ୍ଚିନ୍ତାରେ ରହିପାରନ୍ତି । ସୋମ, ମଙ୍ଗଳ, ବୁଧବାରରେ ପରିବାର ସହ ଅଧିକ ସମୟ ବିତାଇବେ । ଗୁରୁ, ଶୁକ୍ରବାରରେ ଅନ୍ୟ ଉପରେ ଆବଶ୍ୟକତାଠାରୁ ଅଧିକ ଭରସା କରନ୍ତୁ ନାହିଁ । ଶନିବାରରେ ଛାତ୍ରଛାତ୍ରୀମାନଙ୍କ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରାର ଯୋଗ ରହିଛି ।

**ମକର** – ରବିବାରରେ କାର୍ଯ୍ୟ କ୍ଷେତ୍ରରେ ଉନ୍ନତି ଦେଖାଦେବ । ସୋମ, ମଙ୍ଗଳ, ବୁଧବାରରେ ଧର୍ମାଦି କାର୍ଯ୍ୟରେ ସମୟ ଅତିବାହିତ କରିବେ । ଗୁରୁ, ଶୁକ୍ରବାରରେ ଭବିଷ୍ୟତ ଯୋଜନା ଫଳପ୍ରସୂ ହୋଇପାରେ । ଶନିବାରରେ ଅର୍ଥଚିନ୍ତା କଷ୍ଟ ଦେଇପାରେ ।

**କୁମ୍ଭ** – ରବିବାରରେ ଧୈର୍ଯ୍ୟର ସହ କାର୍ଯ୍ୟ କରନ୍ତୁ । ସୋମ,ମଙ୍ଗଳ,ବୁଧବାର ଅନାବଶ୍ୟକ ଯୁକ୍ତିରୁ ଦୂରେଇ ରୁହନ୍ତୁ । ଗୁରୁ,ଶୁକ୍ରବାରରେ ବନ୍ଧୁଙ୍କ ସହଯୋଗ ପାଇବେ । ଛାତ୍ରଛାତ୍ରୀ ଲେଖାପଢ଼ାରେ ମନୋନିବେଶ କରିବେ । ଶନିବାରରେ ବ୍ୟବସାୟୀମାନେ ଦୂରଯାତ୍ରା କରି ଲାଭାନ୍ୱିତ ହେବେ ।

**ମୀନ** – ରବିବାରରେ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି । ସୋମ,ମଙ୍ଗଳ, ବୁଧବାରରେ ଜୀବନସାଥୀଙ୍କଠାରୁ ସଂପୂର୍ଣ୍ଣ ସହଯୋଗ ପାଇବେ । ଗୁରୁ,ଶୁକ୍ରବାରରେ ଛାତ୍ରାଛାତ୍ରୀ ପରୀକ୍ଷାରେ ଭଲ ଫଳାଫଳ ପାଇବେ । ଶନିବାରରେ ସମାଜରେ ମାନମର୍ଯ୍ୟାଦା ବୃଦ୍ଧି ପାଇବ ।